

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୫ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 MARCH 2023

Vol.No. 34 ■ No. 69 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଶ୍ୱର ୫୦ଟି ପ୍ରଦୂଷିତ ସହର ମଧ୍ୟରେ ଭାରତର ୩୯ଟି

ନୂଆଦିଲ୍ଲୀ, ୧୪/୦୩ : ବିଶ୍ୱରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗିଛି ପ୍ରଦୂଷ । ବିଷାକ୍ତ ପାଲଟିଗଲାଣି ବାୟୁ। ଏହାରି ଭିତରେ ୨୦୨୨ ପାଇଁ ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ତାଲିକା ପ୍ରକାଶ ପାଇଛି। ଏହି ତାଲିକାର ସବୁଠାରୁ ଉପରେ ଥିବା ୫୦ଟି ସହର ମଧ୍ୟରେ ଭାରତର ୩୯ଟି ସହର ରହିଛି। ସ୍ୱିସ୍ କମ୍ପାନୀ ଜାରି କରିଥିବା ରିପୋର୍ଟ ଅନୁଯାୟୀ ଭାରତକୁ ବିଶ୍ୱର ୮ମ ପ୍ରଦୂଷିତ ଦେଶ ବୋଲି କୁହାଯାଇଛି। ୧୩୮ଟି ଦେଶର ଡାଟା ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଛି। ସେପଟେ ଏହି ତାଲିକା ସାମ୍ନାକୁ ଆସିବା ପରେ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱିସ୍ ଆଇକ୍ୟୁଏୟାର ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ମୁତାବକ, ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ମାନ୍ୟତା ପାଇଛି ପାକିସ୍ତାନର ଲାହୋର। ଏହା ତାଲିକାର ସବୁଠୁ ଶୀର୍ଷରେ ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ରହିଛି ଚୀନର ହୋଟାନ, ୩ୟ ସ୍ଥାନରେ ରହିଛି ରାଜସ୍ଥାନର ଭିୱଣ୍ଡି ଓ ଚତୁର୍ଥରେ ଦିଲ୍ଲୀ। ତେଣୁ ରିପୋର୍ଟ ମୁତାବକ ଭିୱଣ୍ଡି ହେଉଛି ଭାରତର ସବୁଠାରୁ ପ୍ରଦୂଷିତ ସହର। ୫ମ ସ୍ଥାନରେ ପାକିସ୍ତାନର ପେଶାୱାର ଥିବା ବେଳେ ଷଷ୍ଠରେ ବିହାରର ଦରଭଙ୍ଗା ଓ ସପ୍ତମ ସ୍ଥାନରେ ଆସୋପୁର ରହିଛି। ଦେଶର ମହାନଗରଗୁଡ଼ିକ ମଧ୍ୟରୁ ରାଜଧାନୀ ଦିଲ୍ଲୀକୁ ସବୁଠାରୁ ପ୍ରଦୂଷିତ ସହରର ମାନ୍ୟତା ମିଳିଛି। ସମଗ୍ର ବିଶ୍ୱରେ ଦିଲ୍ଲୀ ହେଉଛି ୪ ନଂ ସବୁଠାରୁ ପ୍ରଦୂଷିତ ସହର। ଦିଲ୍ଲୀ ତଳକୁ ରହିଛି କୋଲକାତା ଓ ଏହି ସହରର ବିଶ୍ୱ ରାଙ୍କ ୯୯ ରହିଛି। ୩ୟ ସ୍ଥାନରେ ରହିଛି ମୁମ୍ବାଇ, ଏହାର ରାଙ୍କ ରହିଛି ୧୩୭। ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ତାଲିକା ସାମ୍ନାକୁ ଆସିବା ପରେ ଭାରତକୁ ଶକ୍ତ ଝଟ୍‌କା ଲାଗିଛି। ପ୍ରଦୂଷିତ ୧୦୦ ସହର ମଧ୍ୟରୁ ଭାରତର ୬୫ଟି ସହର ରହିଛି। ସେହିପରି ଟପ୍ ୧୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରୁ ଭାରତର ୬ଟି ସହର ରହିଛି। ଅନ୍ୟପକ୍ଷରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ଭାରତ ୮ମ ସ୍ଥାନରେ ରହିଛି। ୨୦୨୧ରେ ଭାରତ ୫ମସ୍ଥାନରେ ଥିଲା । ପ୍ରଥମ ୩ଟି ସ୍ଥାନରେ ଅଛନ୍ତି ଇରାକ୍, ପାକିସ୍ତାନ ଓ ବାହାରିନ୍।

ବିଶିଷ୍ଟ କବି ଓ ଗୀତିକାର ତପନ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ବିଶିଷ୍ଟ କବି ଓ ଗୀତିକାର ତପନ ପଟ୍ଟନାୟକଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ନିଜର ସୃଷ୍ଟି ମାଧ୍ୟମରେ ସେ ଚିର ସ୍ମରଣୀୟ ରହିବେ ବୋଲି କହିଛନ୍ତି ।

ପଶ୍ଚିମା ଝଡ ପ୍ରଭାବରେ ଭିଜିବ ପୂରା ଓଡିଶା

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ପାଗରେ ପରିବର୍ତ୍ତନ ଆଣିବ ପଶ୍ଚିମାଝଡ । ତାତିରୁ ମିଳିବ ସାମାନ୍ୟ ତ୍ରାହି । ଟାଣ ଖରାରୁ ଆଶ୍ୱସ୍ତି ଦେବ ପଶ୍ଚିମା ଝଡ । ଏହାର ପ୍ରଭାବରେ ଆଜି ଠାରୁ ପାଗରେ ପରିବର୍ତ୍ତନ ଦେଖା ଦେବ । ଆଜି ୮ ଜିଲ୍ଲାରେ ବିଜୁଳି, ଘଡଘଡି ସହ ବର୍ଷା ହେବାର ଅନୁମାନ କରିଛି ପାଣିପାଗ ବିଭାଗ । ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଅନୁଗୁଳ ଆଦି ଜିଲ୍ଲାକୁ ସତର୍କ କରାଯାଇଛି । ଏଥିସହ ଆସନ୍ତାକାଲି ପାଇଁ ୧୧ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି । ଉତ୍ତର ଓ ଦକ୍ଷିଣ ଓଡିଶାରେ ଏହାର ପ୍ରଭାବ ପଡିବ । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡାରେ ବିଜୁଳି, ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି । ୧୪ ଏବଂ ୧୫ ଅର୍ଥାତ ଆଜି ଏବଂ ଆସନ୍ତାକାଲି ହାଲୁକା ବର୍ଷା ହେବ । ୧୬ ତାରିଖରୁ ବର୍ଷାର ବିସ୍ତୃତି ବୃଦ୍ଧି ପାଇବ । ସେହି ୧୬ ତାରିଖରେ ଝଡ ସହ ପବନ ହେବ । ୮ଟି ଜିଲ୍ଲାକୁ ଏଥିପାଇଁ ସତର୍କ କରାଯାଇଛି । ୧୭ ଏବଂ ୧୮ ପ୍ରାୟ ୭୫ ପ୍ରତିଶତ ସ୍ଥାନରେ ବର୍ଷା ହେବ । ମୋଟାମୋଟି କହିବାକୁ ଗଲେ ୧୬ ତାରିଖରୁ ୧୮ ତାରିଖ ୩୦ଟି ଜିଲ୍ଲାରେ ପଶ୍ଚିମା ଝଡର ପ୍ରଭାବ ପଡିବ ।

ଆଜିଠୁ ଶାନ୍ତିପୂର୍ଣ୍ଣ ଧାରଣା ଦେବ ଡ୍ରାଇଭର ମହାସଂଘ

– ବସ୍ ସ୍ୱାଭାବିକ ଚାଲିବ : ଘରୋଇ ବସ୍ ମାଲିକ ସଂଘ

– ଗାଡି ବନ୍ଦ କଲେ କାର୍ଯ୍ୟାନୁଷ୍ଠାନ : ପୋଲିସ କମିଶନର

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘ ଆସନ୍ତାକାଲି (ମାର୍ଚ୍ଚ ୧୫) ଠାରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବ। ଆଜି ଏପରି ମିଳିତ ଭାବେ ନିଷ୍ପତି ନେଇଛନ୍ତି ୫ଟି ସଂଘ। ଏବେ ଦଶମ ପରୀକ୍ଷା ଚାଲିଥିବା ହେତୁ ଭୁବନେଶ୍ୱର ସହରରେ କୌଣସି ଧାରଣା ଦିଆଯିବନାହିଁ ବୋଲି ସଂଘ କହିଛି। ଓଡ଼ିଶା ଡ୍ରାଇଭର ମହାସଂଘ ସହ ଓଡ଼ିଶା ମଟର ଚାଳକ ସଂଘ, ନାଇଟ ହେଲ୍ପ ଟ୍ରଷ୍ଟ କ୍ୟାବ ସର୍ଭିସ୍ ସଂଘ, ଓଡ଼ିଶା ପରିବହନ ଚାଳକ ସଂଘ ଓ କଳିଙ୍ଗ ଅଟୋ ଚାଳକ ମହାସଂଘ ଏପରି ନିଷ୍ପତି ନେଇଛନ୍ତି । ଏହା ଅନୁଯାୟୀ ଭୁବନେଶ୍ୱରରେ କୌଣସି ବିରୋଧ କାର୍ଯ୍ୟକ୍ରମ କରିବୁ ନାହିଁ ବୋଲି ସଂଘ କହିଛି । ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, କଟକ ଓ ଭୁବନେଶ୍ୱରରେ ଗାଡ଼ି ଚଳାଚଳ ନେଇ ବିରୋଧ କଲେ ଆନ୍ଦୋଳକାରୀଙ୍କ ଉପରେ ଆବଶ୍ୟକ ସ୍ଥଳେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ କମିସନରେଟ ପୁଲିସ ସଜାଗ ରହିଛି। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୧୨କୁ କଲ କରି ସହଯୋଗ ନେଇପାରିବେ। ପରୀକ୍ଷାର୍ଥୀ, ବିମାନଯାତ୍ରୀ, ରେଳଯାତ୍ରୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ପୁଲିସ ସଜାଗ ରହିବ। ଭୁବନେଶ୍ୱରରେ ଅତିରିକ୍ତ ସୁରକ୍ଷା ଦାୟିତ୍ୱରେ ୧୫ ପୁଲିସ ଫୋର୍ସ ୪୦ ଅଫିସର ମୁତୟନ ରହିବେ।

ଜଙ୍ଗଲ ନିଆଁ କୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟରେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । ପ୍ରଶ୍ନୋତ୍ତ କାର୍ଯ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ପ୍ରଶ୍ନରେ ଆଲୋଚନା ବେଳେ ଏ ନେଇ ଉଦବେଗ ପ୍ରକାଶ ପାଇଛି । କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ପ୍ରସଙ୍ଗ ଉଠାଇ କହିଛନ୍ତି ଜଙ୍ଗଲ ଜଳୁଛି ମନ୍ତ୍ରୀ କଣ ପଦକ୍ଷେପ ନେଉଛନ୍ତି । ସେହିପରି ବିଜେପି ବିଧାୟିକା କୁସୁମ ଟେଟେ ବି ସମାନ ପ୍ରସଙ୍ଗ ଉଠାଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ଅନ୍ୟ ପକ୍ଷରେ ଉତର ରଖି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି । ସେ କହିଛନ୍ତି ଯେ ସ୍ୟାଟେଲାଇଟ ରେ ଯାହା ଆସୁଛି ସେଥିରେ କେବଳ ଜଙ୍ଗଲରେ ନିଆଁ ଲାଗୁନି ବରଂ ଅନେକ ସ୍ଥାନରେ ଚାଷୀ ମାନେ ଉନ୍ନତ ମାନର ଚାଷ କରିବା ପାଇଁ ଧାନ ବିଲରେ ନିଆଁ ଲଗେଇ ଦେଉଛନ୍ତି । ଧାନ କାଟିବା ପରେ ଯେଉଁ ବଳକା ରହିଯାଉଛି ସେଥିରେ ଚାଷୀ ମାନେ ନିଆଁ ଲଗେଇ ଦେଉଛନ୍ତି । ଯେଉଁଥି ପାଇଁ ସ୍ୟାଟ ଲାଇଟ ରେ ଅଧିକ ନିଆଁ ଲାଗିଥିବା ଆସୁଛି । ଯେତିକି ଅଞ୍ଚଳରେ ନିଆଁ ଲାଗିଛି ତାର ୯୮ ପ୍ରତିଶତ କୁ ଅନୁଧ୍ୟାନ କରୁଛୁ । ବିଶେଷ କରି ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତିର ସହଯୋଗ ନିଆ ଯାଉଛି । ଆଧୁନିକ ପ୍ରଣାଳୀ ରେ ନିଆଁ କୁ ଆୟତ କରାଯାଉଛି । ଗତକାଲି ମୁଖ୍ୟ ଶାସନ ସଚିବ ବୈଠକ କରିଛନ୍ତି । ଯେଉଁ ମାନେ ଜଙ୍ଗଲ ଭିତରେ ପଶି ନିଆଁ ଲଗାଉ ଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଯେଉଁମାନେ ଜଙ୍ଗଲ ରେ ବୁଲାବୁଲି କରୁଛନ୍ତି ଯାହା ଉପରେ ସନ୍ଦେହ ହେଉଛି ତାଙ୍କ ଉପରେ ନଜର ରଖା ଯାଉଛି ।

ଆଦାନୀ ପ୍ରସଙ୍ଗରେ ପୁଣି ସରକାରଙ୍କୁ ଘେରିଲେ ବିରୋଧୀ

ନୂଆଦିଲ୍ଲୀ, ୧୪/୦୩ : ୨୦୨୪ ନିର୍ବାଚନ ପାଇଁ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ଆଦାନୀ ପ୍ରସଙ୍ଗକୁ ମୁଖ୍ୟ ଅସ୍ତ୍ର କରିଛନ୍ତି ବିରୋଧୀ । ବିରୋଧୀ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଲଗାତର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଆସୁଛନ୍ତି । ବିରୋଧକୁ ଜୋରଦାର କରିବା ପାଇଁ କଂଗ୍ରେସ ଆଂଚଳିକ ଦଳଗୁଡ଼ିକୁ ଡାକରା ଦେଇଥିଲା । କିନ୍ତୁ ବିରୋଧୀ ଏକଜୁଟ ହେବା ବଦଳରେ ଅଲଗା ଅଲଗା ହୋଇ ବିରୋଧ ପ୍ରଦର୍ଶନ କରୁଛନ୍ତି । କଂଗ୍ରେସ ଉଭୟ ପାର୍ଲାମେଂଟ ଭିତରେ ଓ ବାହାରେ ପ୍ରଦର୍ଶନ କରିଥିବା ବେଳେ ଟିଏମସି ଓ ଆମ୍ ଆଦମୀ ପାର୍ଟି ଅଲଗା ଅଲଗା ବିରୋଧ ପ୍ରଦର୍ଶନ କରୁଛନ୍ତି । ଗୋଟିଏ ପଟେ କଂଗ୍ରେସ ସାଂସଦଙ୍କ ବିରୋଧ ପ୍ରଦର୍ଶନ । ଦ୍ୱିତୀୟରେ ତୃଣମୂଳ କଂଗ୍ରେସ ପାର୍ଟି ଏବଂ ତୃତୀୟରେ

ଅର୍ଚ୍ଚନା ନାଗ ମାମଲାରେ ଷ୍ଟାଟସ୍ ରିପୋର୍ଟ ତଲବ କଲେ ହାଇକୋର୍ଟ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଲେଡି ବ୍ଲାକ୍ ମେଲର ଅର୍ଚ୍ଚନା ନାଗ ମାମଲାରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଡିଶା ହାଇକୋର୍ଟ। ଅର୍ଚ୍ଚନା ନାଗ୍‌ର ଜାମିନ ଆବେଦନ ଉପରେ ଶୁଣାଣି ବେଳେ ହାଇକୋର୍ଟ ତଦନ୍ତର ଅଗ୍ରଗତି ନେଇ ତଦନ୍ତକାରୀ ଅଧିକାରୀଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ନୟାପଲ୍ଲୀ ଥାନା ଅନ୍ତର୍ଗତ ଅକ୍ଷୟ ପରିଜାଙ୍କ ମାମଲାରେ ରିପୋର୍ଟ ମଗାଯାଇଥିବା ଜଣାପଡିଛି।

ବର୍ଷାଙ୍କୁ ଦୂରେଇ ଯିବାକୁ ଅନୁରୋଧ କଲେ ଅନୁଭବ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): କିଛି ଦିନର ନିରବତା ପରେ ପୁଣି ତେଜିଲା ଷ୍ଟାର କପଲ କଳି । ବର୍ଷା- ଅନୁଭବ ବୈବାହିକ ଜୀବନକୁ ନେଇ ଉଠିଥିବା ଝଡ କିଛି ଦିନ ଶାନ୍ତ ପଡିଥିବା ବେଳେ ଏବେ ପୁଣି ସେ ଝଡକୁ ବଳ ଦେଇଛି ଖୋଦ ଅନୁଭବଙ୍କ ଟୁଇଟ୍ । ଏଯାଏଁ ସ୍ୱାମୀ-ସ୍ତ୍ରୀଙ୍କ କଳିର କୌଣସି ସ୍ଥାୟୀ ସମାଧାନ ▶▶ପୃଷ୍ଠା ୭

ଏପ୍ରିଲ ଆଡକୁ କମିଯିବ ଏଚ୍‌୩ାଏନ୍‌୨ ସଂକ୍ରମଣ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଏଚ୍‌୩ାଏନ୍‌୨ ଭାଇରସ ତିନି ମାସ ହେଲା ଅଛି,ଏହା ଏକ ଋତୁକାଳୀନ ଭାଇରସ୍। ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ଆଡ଼କୁ ଏହି ଓ୍ୱେଭ ସରିଯିବ। ଅନେକ ଲୋକ ଏଚ୍‌୩ାଏନ୍‌୨ ଭାଇରସରେ ପୀଡିତ ଅଛନ୍ତି, ଟେଷ୍ଟିଙ୍ଗ କମ୍ ହେଉଥିବାରୁ ସଂଖ୍ୟା ବିଶେଷ ବଢୁନି, ଅଧିକ ଟେଷ୍ଟିଙ୍ଗ ହେଲେ ସଂଖ୍ୟା ବଢିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରୋଜ ମିଶ୍ର। ସେ କହିଛନ୍ତି ଯେ ଯାହାର ଅକ୍ସିଜେନ ସ୍ତର କମ୍ ରହୁଛି, ନିଶ୍ୱାସ ନେବାରେ ସମସ୍ୟା ରହୁଛି କିମ୍ବା ଜ୍ୱର ହେଉଛି ସେମାନେ ଡାକ୍ତରଙ୍କ ପରାମର୍ଶରେ ଆଂଟି ଭାଇରାଲ ମେଡିସିନ ଖାଆନ୍ତୁ। ଅଯଥାରେ ଆଂଟି ବାୟୋଟିକ କି ଷ୍ଟେରୋଏଡ଼ ଖାଆନ୍ତୁ ନାହିଁ। କିଛି ଲୋକଙ୍କ ପାଇଁ ଏହା ଗୁରୁତର ସାବ୍ୟସ୍ତ ହୋଇପାରେ। ଛୋଟ ପିଲା,ବୟସ୍କ ଲୋକ, ଗର୍ଭବତୀ ମହିଳାଙ୍କୁ ଏହି ସଂକ୍ରମଣ ଅଧିକ ହେବାର ସମ୍ଭାବନା ରହିଛି। ଲକ୍ଷଣ ଥିଲେ ମାସ୍କ ପିନ୍ଧନ୍ତୁ। ଯଦି କାଶ, ଜ୍ୱର ରହୁଛି ଓ ଅକ୍ସିଜେନ ସ୍ତର କମ୍ ରହୁଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ମାଟ୍ରିକ୍ ଡ୍ରପଆଉଟ୍ ଦେବେ ସପ୍ଲିମେଂଟାରୀ ପରୀକ୍ଷା

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ମାଟ୍ରିକ୍ ଡ୍ରପଆଉଟ୍ ପିଲାମାନେ ଦେବେ ସପ୍ଲିମେଂଟାରୀ ପରୀକ୍ଷା। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୧-୨୨ ମସିହାରେ ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଫର୍ମ ପୂରଣ କରିଥିଲେ। ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ। ଚଳିତବର୍ଷ ୫ ଲକ୍ଷ ୩୨ ହଜାର ୬୦୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥିରୁ ୧୩ ହଜାର ୫୮ ଜଣ ପିଲା ପରୀକ୍ଷା ଦେଇନାହାନ୍ତି । ମହାମାରୀ କରୋନା ପରେ ୪୫ ହଜାରରୁ ଅଧିକ ପିଲା ମାଟ୍ରିକ୍ ପରୀକ୍ଷା ଦେଇନଥିଲେ। ଏଥର ୧୩ ହଜାର ପିଲା ପରୀକ୍ଷା ଦେଉନାହାନ୍ତି। ତେଣୁ ଏହି ସଂଖ୍ୟା ଯଥେଷ୍ଟ କମ୍। ସେମାନେ କାହିଁକି ପରୀକ୍ଷା ଦେଉନାହାନ୍ତି ତାହା ଉପରେ ବିଭାଗ ତର୍ଜମା କରିବ। ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରିବୁ। ସେହି ପିଲାମାନେ କିପରି ସପ୍ଲିମେଂଟାରୀ ପରୀକ୍ଷା ଦେବେ ସେଥିପାଇଁ ପ୍ରବର୍ତ୍ତାଇବୁ ବୋଲି ଶ୍ରୀ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୫୦ରୁ ଅଧିକ ସରକାରୀ ଆଇଟିଆଇ ସ୍କୁଲ ରହିଛି। ଏହାଛଡ଼ା ୧୫୦ରୁ ଅଧିକ ବେସରକାରୀ ଆଇଟିଆଇ ସ୍କୁଲ ରହିଛି। ମାଟ୍ରିକ୍ ପାସ କରିବା ପରେ ଅନେକ ପିଲା ଆଇଟିଆଇ, ଟେକ୍ନିକାଲ୍ ଶିକ୍ଷା ଗ୍ରହଣ କରୁଛନ୍ତି। ମାଟ୍ରିକ୍ ପରେ ସବୁ ପିଲା ଯୁକ୍ତ ଦୁଇରେ ନାମ ଲେଖାଇବେ, ତାହା କହିବା ଠିକ୍ ହେବନି ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଅନୁରୋଧ ରଖିଲେ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀ

ଓଡ଼ିଶାର ୧୫ ଜିଲ୍ଲାରେ ୫୭ଟି ସେତୁ ନିର୍ମାଣ ପାଇଁ ୨୮୭.୮୨ କୋଟି ମଞ୍ଜୁର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪/୦୩ (ନି.ପ୍ର): କେନ୍ଦ୍ର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧକୁ ରକ୍ଷା କରି ଭାରତ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅନ୍ତର୍ଗତ ରାଜ୍ୟର ୧୫ ଜିଲ୍ଲାରେ ୫୭ଟି ସେତୁ ନିର୍ମାଣ ପାଇଁ ଅନୁମୋଦନ ଦେବା ସହ ୨୮୭.୮୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏ ନେଇ କେନ୍ଦ୍ର ଗ୍ରାମୀଣ ଉନ୍ନୟନ ଓ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ଶ୍ରୀ ପ୍ରଧାନଙ୍କ ପତ୍ରର ପ୍ରତ୍ୟୁତ୍ତରରେ ଉଲ୍ଲେଖ କରିଥିବା ବେଳେ ଏହି ନିଷ୍ପତି ଓଡିଶାର ଗମନାଗମନକୁ ଅଧିକ ସୁଗମ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଭାରତ ସରକାର ଓଡିଶାର ଗ୍ରାମୀଣ ଅଂଚଳର ଭିତିଭୂମିର ବିକାଶ ତଥା ଗମାଗମନ ସୁବିଧାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଓଡ଼ିଶାର ୧୫ ଜିଲ୍ଲା ଯଥା କଳାହାଣ୍ଡି ପାଇଁ ୧୩ଟି, ସମ୍ବଲପୁର ପାଇଁ ୧୦ଟି, ଗଞ୍ଜାମ ପାଇଁ ୮ଟି, କଟକ ପାଇଁ ୫ଟି, ନବରଙ୍ଗପୁର ପାଇଁ ୫ଟି, ବାଲେଶ୍ୱର ପାଇଁ ୩ଟି, ମୟୂରଭଞ୍ଜ ପାଇଁ ୩ଟି, ଦେବଗଡ଼ ଓ ମାଲକାନଗିରି ପାଇଁ ୨ଟି ଲେଖାଁଏ ପୋଲ ନିର୍ମାଣ କରିବା ପାଇଁ ନିଷ୍ପତି ନେଇଛନ୍ତି । ଅନୁରୂପ ଭାବରେ ଭଦ୍ରକ, ଝାରସୁଗୁଡା, ନୟାଗଡ, ନୂଆପଡା, ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ ଗୋଟାଏ ଲେଖାଁଏ ସେତୁ ନିର୍ମାଣ ପାଇଁ ଅର୍ଥବ୍ୟୟବରାଦ ହୋଇଛି । ଏହା ଦ୍ୱାରା ଏହି ସବୁ ଗ୍ରାମୀଣ ଅଂଚଳରେ ବସବାସ କରୁଥିବା ଲୋକମାନେ ବିଶେଷ ଭାବରେ ଉପକୃତ ହେବେ ଓ ଏହି ନିଷ୍ପତି ଅଂଚଳର ବିକାଶ କରିବା ସହ ସାମାଜିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସବକା ସାଥ୍, ସବକା ବିକାଶ , ସବକା ପ୍ରୟାସ, ସବକା ବିଶ୍ୱାସ ମନ୍ତ୍ରରେ କାର୍ଯ୍ୟ କରୁଛନ୍ତି ଓ ଓଡିଶାର ବିକାଶ ପାଇଁ ଏହି ପ୍ରକଳ୍ପକୁ ମଂଜୁର କରିଥିବାରୁ ଶ୍ରୀ ପ

'ହୁ' ନିୟମାବଳୀ ଅନୁସାରେ ରାଜ୍ୟରେ ଅଛନ୍ତି ୨୦ହଜାର କମ୍ ଡାକ୍ତର

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ନିୟମାବଳୀ ଅନୁସାରେ ପ୍ରତି ୧ହଜାର ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଆବଶ୍ୟକ। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ପାଇଁ ୪୫,୫୫୨ ଡାକ୍ତରଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ଏବେ ୨୪,୭୮୦ ଡାକ୍ତର ପଞ୍ଜୀକୃତ ଥିବା ବେଳେ ଆଉ ୨୦,୭୭୨ ଡାକ୍ତରଙ୍କ ଆବଶ୍ୟକତା ରହିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ରାଜ୍ୟରେ ସମୁଦାୟ ୧୦,୭୭୪ ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦବି ରହିଛି। ତହିଁରେ ୭୧୮୦ଜଣ କାର୍ଯ୍ୟରତ ଥିବା ବେଳେ ୩୫୯୪ ପଦବି ଖାଲି ପଡ଼ିଛି। ତେବେ ଆଡ ହକ୍ ଭାବେ ୩୭, ଠିକାରେ ୯୧୮, କର୍ପସ ପାଣ୍ଠି ଜରିଆରେ ଠିକାରେ ୭ ଓ ଜିଲ୍ଲା ଖଣିତ ପାଣ୍ଠି ଅଧୀନରେ ୭୧ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାଫଳରେ ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କ ସଂଖ୍ୟା ୮୨୧୩କୁ ବୃଦ୍ଧି ପାଇଛି। ସେହିପରି ମଞ୍ଜୁରୀପ୍ରାପ୍ତ ୨୯୯୨ ଫାର୍ମାସିଷ୍ଟଙ୍କ ମଧ୍ୟରୁ ୨୨୨୬ଜଣ କାର୍ଯ୍ୟରତ ଥିବା ବେଳେ ୭୬୬ ଖାଲି, ଲାବ୍ ଟେକ୍‌ନିସିଆନ୍‌ରେ ୫୯୨, ରେଡିଓଗ୍ରାଫର ୨୮୦ ପଦବି ଖାଲି ରହିଛି। ତେବେ ମେଡିକାଲ କଲେଜରେ ୧୧୩ ଫାର୍ମାସିଷ୍ଟ, ୧୩୩ ଲାବ୍ ଟେକ୍‌ନିସିଆନ୍ ଓ ୫୧ଜଣ ରେଡିଓଗ୍ରାଫର ପଦବି ଖାଲି ପଡ଼ିଛି। ରାଜ୍ୟ ସରକାର ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ (ଆଇପିଏଚ୍‌ଏସ୍) ନୀତିକୁ ଅନୁସରଣ କରି ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲୁଛନ୍ତି। ୩୦ହଜାର ଜନସଂଖ୍ୟାରେ ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ପାହାଡ଼ିଆରେ ୨୦ହଜାର, ୫୦ହଜାର ଜନସଂଖ୍ୟାରେ ସହରାଞ୍ଚଳ ପିଏଚ୍‌ସି ଓ ୨.୫-୩ଲକ୍ଷ ଜନସଂଖ୍ୟାରେ ପଲିକ୍ଲିନିକ୍ ଖୋଲା ଯାଉଛି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ ୫୪୮.୨ କୋଟିର ବ୍ୟୟ ଅଟକଳ କରାଯାଇଛି। ଡାକ୍ତରମାନଙ୍କ ଅଭାବ ପୂରଣ କରିବା ଲାଗି ଗତ ୪ବର୍ଷ ହେଲା ନିୟମିତ ଭାବେ ଲୋକସେବା ଆୟୋଗର ଚୟନ ପ୍ରକ୍ରିୟା ମାଧ୍ୟମରେ ଡାକ୍ତରମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି। ସେହିପରି ଓଏସ୍‌ଏସ୍‌ଏସ୍‌ସିର ଚୟନ ପ୍ରକ୍ରିୟା ମାଧ୍ୟମରେ ପାରାମେଡିକାଲ କର୍ମଚାରୀଙ୍କୁ ମଧ୍ୟ ନିୟମିତ ଭାବେ ନିଯୁକ୍ତି ଦିଆଯାଉଥିବା ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

ବାଲି ଗାଡି ଉପରେ ତହସିଲ ପକ୍ଷରୁ ଚଢ଼ାଉ: ଜରିମାନା ଆଦାୟ

କେନ୍ଦ୍ରାପଡ଼ା, ୧୪/୦୩ (ନି.ପ୍ର): କେନ୍ଦ୍ରାପଡା ତହସିଲଦାର ଶ୍ରୀମତୀ ଅଞ୍ଜଳୀ ତରାଇ ବାଲି ଗାଡି ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିଥିବା ଜଣାପଡିଛି। ତହସିଲଦାର ଶ୍ରୀମତୀ ତରାଇ ସୋମବାର ୪ଟା ସମୟରେ ଶ୍ୟାମସୁନ୍ଦରପୁର ଛକରେ ବେଆଇନ ଭାବରେ ବାଲି ନେଇ ଯାଉଥିବା ଗାଡି ଗୁଡିକୁ ଅଟକାଇ କାଗଜପତ୍ର ଯାଂଚ କଲାପରେ ଜରିମାନା ଆଦାୟ କରିଥିବା ଜଣାପଡିଛି। ଏହି ଚଢାଉ ସମୟରେ ସଦର ଥାନା ପୋଲିସ ଉପସ୍ଥିତ ଥିଲେ।

ହରିରାଜପୁର ଦୋଳ ମେଳଣ ଆରମ୍ଭ

ଖୋର୍ଦ୍ଧା, ୧୪/୦୩ (ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ଦୋଳ ମେଳଣରେ ଗତକାଲି ଲକ୍ଷାଧିକ ଭକ୍ତଙ୍କ ସମାଗମ ସାଙ୍ଗକୁ ରାତି ତମାମ ଆତସବାସୀରେ ଝଲସୁଥିଲା ଆକାଶ। ଗାଦି ଠାକୁର ପଣ୍ଡିମାଶମ୍ଭୁ ସୋମନାଥ ଦେବଙ୍କ ନିମନ୍ତ୍ରଣରେ ଶତାଧିକ ଦୋଳ ବିମାନ, ବାଜା, ରୋଷଣୀ ସାଙ୍ଗକୁ ପଟୁଆରରେ ଆସିଥିଲେ ମେଳଣ ପଡ଼ିଆକୁ। ଅନେକ ପାରମ୍ପରିକ ନୃତ୍ୟ ସହିତ ଆତାଶବାଜିରେ ଫାଟି ପଡୁଥିଲା ସମ୍ପୂର୍ଣ୍ଣ ଅଂଚଳ। ଯାହାକୁ ସାରା ରାତି ଲୋକମାନେ ମନଭରି ଉପଭୋଗ କରିଥିଲେ। ଏଥିସହ ମେଲୋଡ଼ି, ଭଜନ ସମାରୋହ ଓ ମହୋତ୍ସବର ନୃତ୍ୟଗୀତରେ ଫାଟି ପଡୁଥିଲା ସାରା ପରିବେଶ। ଆଉ ଏଠାର ବିଶେଷତ୍ୱ ହେଲା ପଣ୍ଡିମାଶମ୍ଭୁ ସୋମନାଥଙ୍କ ପାଖରେ ଏହି ଦିନରେ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଭୋଗ ଲାଗିଥାଏ। ବାଜା, ଘଂଟ ଘଂଟାର ତାଳେ ତାଳେ ଝୁଲି ଝୁଲି ଆସିଥିଲେ ପ୍ରଭୁ ପଣ୍ଡିମାଶମ୍ଭୁ ସୋମନାଥ। ସାଥିରେ ରହିଥିଲା ଆଖପାଖ ଅଂଚଳର ଶତାଧିକ ଦୋଳ ବିମାନ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ହରିରାଜପୁର ଫଂଚୁଦୋଳ ମେଳଣ କାହିଁ କେଉଁ କାଳରୁ ଚାଲିଆସୁଛି। ୧୬୩୭ ମସିହାରୁ ଅନୁଷ୍ଠିତ ହୋଇ ଆସୁଛି ଠାକୁରଙ୍କ ଏହି ଦୋଳ ମେଳଣର ଜମାଣ ଉତ୍ସବ। ନାଗା ନୃତ୍ୟ, ପଶୁ ନୃତ୍ୟ ଠାରୁ ଆରମ୍ଭ କରି କଣ୍ଢେଇ ନୃତ୍ୟ, ବୃଷବ ନୃତ୍ୟ ଓ ଘୋଡ଼ାନୃତ୍ୟର ତାଳେ ତାଳେ ଆଲଟ ଚାମର ମଧ୍ୟରେ ବିମାନରେ ବିଜେ କରିଥିଲେ ପ୍ରଭୁ ଶ୍ରୀ ଶ୍ରୀ ପଣ୍ଡିମାଶମ୍ଭୁ ସୋମନାଥ ଦେବ। ଆଉ ଏହାକୁ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ହରିରାଜପୁର ମେଳଣ ପଡ଼ିଆରେ। ହରିରାଜପୁର ମେଳଣର ମୁଖ୍ୟ ଆକର୍ଷଣ ହେଉଛି ମାନସିକ ବାଣ। ଆଉ ମାନସିକ ବାଣ ଠାରୁ ଆରମ୍ଭ କରି ରକେଟ୍, ହାବେଳୀ, ଆସମାନ ଗୁଳା, ଚକ୍ରି ଆଦି ବାଣ ଠାକୁରଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥାଏ। ନାଲି ନେଳି ଠାରୁ ଆରମ୍ଭ କରି ବିଭିନ୍ନ ରଙ୍ଗରେ ଆଲୋକିତ ହୋଇଥାଏ ଅନ୍ଧକାର ନୀଳ ଆକାଶ। ଆଉ ଏଠାରେ ଯେତିକି ବାଣ ଫୁଟାଯାଇଥାଏ, ତାହାର ମୂଲ୍ୟ ଦୁଇକୋଟିରୁ ଉର୍ଦ୍ଧ୍ୱ ବୋଲି ବାଣ କାରିଗରମାନେ କହିଛନ୍ତି। ମଧ୍ୟ ରାତ୍ରରେ ଅନୁଷ୍ଠିତ ହେଉଥିବା ଠାକୁରଙ୍କ ଏହି ଜମାଣ ଉତ୍ସବରେ ସାମିଲ୍ ହୋଇଥିଲେ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ। ଠାକୁରଙ୍କ ଦର୍ଶନ କରିବା ସହିତ ବାଣ ଆଉ ତା ସାଙ୍ଗକୁ ରାତି ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ମନଭରି ଉପଭୋଗ କରିଥିଲେ ଶ୍ରଦ୍ଧାଳୁ। ହରିରାଜପୁର ମେଳଣ ପାଇଁ ଜଟଣୀ ଅଂଚଳ ୩ ଦିନ ଧରି ବେଶ ଉତ୍ସବ ମୁଖର ରହିଛି। ଶେଷ ଦିନରେ ଫଗୁ ଖେଳ ସହିତ ମେଳଣ ଓ ହରିହର ଭେଟ ଅନୁଷ୍ଠିତ ହେବ ବୋଲି ଆୟୋଜକ କହିଛନ୍ତି।

ବରଗାଁ ପଂଚାୟତରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୪/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବରଗାଁ ପଂଚାୟତ କାର୍ଯ୍ୟାଳୟ ପରିସରରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନ୍ତର୍ଗତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଂଚ ଗୋବିନ୍ଦ ବିହାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଡ଼ିଓ ବିରସେନ ବେହେରା, ଏପିଓ ପ୍ରଦୀପ ଓଝା ସମେତ ବ୍ଲକର ଅନ୍ୟନ୍ୟ ଅଧିକାରୀ ସାମିଲ ହୋଇ ଅଭିଯୋଗ ଶୁଣାଣି କରିଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା ଭଳି ମୋଟ ୮୧ ଗୋଟି ଅଭିଯୋଗ ଆସିଥିଲା। ଅଭିଯୋଗ ସବୁର ତୁରନ୍ତ ସମାଧାନ ପାଇଁ ବ୍ଲକ ଅଧକ୍ଷା, ବିଡିଓ, ସରପଂଚ ଅଭିଯୋଗକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଂଚାୟତ କର୍ମକର୍ତା ସୌରଭ ମେହେର, ରକ୍ଷ ନାଗ ଓ ସୁକୁ ବାଗ ସହଯୋଗ କରିଥିଲେ।

ମୈତ୍ରେୟୀ ଲେଖିକା ସଂଗଠନର ଅଷ୍ଟାଦଶ ମାସିକ ଆସର ଅନୁଷ୍ଠିତ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ମୈତ୍ରେୟୀ ଲେଖିକା ସଂଗଠନର ଅଷ୍ଟାଦଶ ମାସିକ ଆସର ଆଭାସୀମଞ୍ଚରେ ଅନୁଷ୍ଠିତ ହୋଇଯାଇଛି ଯେଉଁଥିରେ ବିଷୟବସ୍ତୁ ଥିଲା 'ସନେଟ୍ ଏକ ଅନନ୍ୟ କାବ୍ୟ ବିଭବ'। ଆସରର ମୁଖ୍ୟଅତିଥି ରୂପେ ସନେଟ୍ ଲେଖିବାରେ ଧୂରୀଣ ଇଂ ବିଷ୍ଣୁ ସାହୁ ଯୋଗଦେଇ ଓଡ଼ିଶାର ସନେଟ୍ ଇତିହାସ ଉପରେ ଆଲୋକପାତ କରିଥିଲେ ଏବଂ ସଂଯୋଜନା ଓ କାରିଗରୀ କୌଶଳ ଉପରେ ପ୍ରାଧାନ୍ୟ ଦେଇ ସନେଟ୍ ରଚନା କରିବାଲାଗି ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ଆସର ସଭାପତି ମିତା ପଟ୍ଟନାୟକ ଶବ୍ଦଚାତୁର୍ଯ୍ୟ ମାଧ୍ୟମରେ ସନେଟ୍ ବର୍ଣ୍ଣନାଶୈଳୀକୁ ସୁଦୃଢ଼ କରିବାଲାଗି କହିଥିଲେ। ସଂପାଦିକା ଲକ୍ଷ୍ମୀ ଚାନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିଲେ। ହେମାଙ୍ଗିନୀ ଦାଶଙ୍କ ଭକ୍ତିସଂଗୀତ ଓ ମୌସୁମୀ ଦାସଙ୍କ ସଞ୍ଚାଳନା ସମସ୍ତଙ୍କୁ ମୁଗ୍ଧ କରିଥିଲା। ଆସରରେ ସ୍ୱରଚିତ ସନେଟ ପାଠ କରିଥିଲେ ମିରିନକ୍ଷ ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ସୁସ୍ମିତା ପଟେଲ, ବିଜୟଲକ୍ଷ୍ମୀ ପାଣିଗ୍ରାହି, ପଦ୍ମାଳୟା ମିଶ୍ର, ସୁପ୍ତି କର ଓ ଆରତୀ ସାହୁ। ମୁଖ୍ୟଅତିଥି ପଠିତ ସନେଟ ଗୁଡିକର ସମୀକ୍ଷା କରିଥିଲେ। ସୃଜନିକାରେ ନିବେଦିତା ନନ୍ଦଙ୍କ କବିତା ସମ୍ବଳନ 'ଇଚ୍ଛାମତୀ'କୁ ସମୀକ୍ଷା କରିଥିଲେ ସୁଜାତା ମହାପାତ୍ର ଓ ସୁସ୍ମିତା ମହାପାତ୍ର। ଧନ୍ୟବାଦ ଅର୍ପଣ କରି ସଭା ଉଦଯାପିତ କରିଥିଲେ ସସ୍ମିତା ମହାନ୍ତି। କାର୍ଯ୍ୟକ୍ରମଟି ଅତି ଶୃଙ୍ଖଳାର ସହିତ ଶ୍ୱେତପଦ୍ମା ପାଢୀଙ୍କ ସୁପରିଚାଳନା ଓ ସମସ୍ତଙ୍କର ମିଳିତ ଉଦ୍ୟମରେ ସଫଳ ହୋଇଥିଲା।

ରଜିଆ ପଂଚାୟତରେ ଦିଗହରା ପରିମଳ ବ୍ୟବସ୍ଥା

ଚଭୁଆ, ୧୪/୦୩ (ନି.ପ୍ର): ଗାଁ ଗୁଡିକର ସ୍ୱଚ୍ଛତା ଦୃଷ୍ଟିରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନା ମାନ ହାତକୁ ନିଆଯାଉଛି। ଉପଯୁକ୍ତ ଜଳ ନିଷ୍କାସନ ସହିତ ନଳକୂପ ଏବଂ ଘର ଗୁଡିକରୁ ବାହାରୁ ଥିବା ମଇଳା ପାଣି ଯେପରି ଗାଁ ଦାଣ୍ଡରେ ନ ଚାଲେ, ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ନ କରେ ସେ ନେଇ ବିଭିନ୍ନ ଯୋଜନାରେ ସର୍ଟପିଟ ନିର୍ମାଣ କରାଯିବା ସହିତ ଗାଁ କଲ୍ୟାଣ ସମିତି ଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥା ପର୍ଯ୍ୟନ୍ତ ବ୍ୟବସ୍ଥାରେ ସୁଧାର ପାଇଁ ବର୍ଷକୁ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଥିବା ବେଳେ ଚଭୁଆ ବ୍ଲକରେ ଏହି ଅନୁଦାନ ଟଙ୍କାର ଉପଯୁକ୍ତ ଖର୍ଚ୍ଚ କରାନଯାଇ ପାଲଟିଛି ଚଭୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ରଜିଆ ଓ ଦୋଳିତା ଗ୍ରାମ। ଖୋଦ ରଜିଆ ସରପଂଚଙ୍କ ଗାଁ ଦାଣ୍ଡରେ ବର୍ଷ ସାରା ନଳକୂପ ଓ ଘର ଗୁଡ଼ିକରୁ ବାହାରୁଥିବା ଆବର୍ଜନା ପାଣି ଗାଁ ଦାଣ୍ଡରେ ବୋହୁଥିବା ଦେଖିବାକୁ ମିଳୁଛି। ରଜିଆ ପଂଚାୟତର ଅନେକ ଗ୍ରାମରେ କୌଣସି ଡ୍ରେନେଜ ବ୍ୟବସ୍ଥା ନ ଥିବାବେଳେ ଖୋଦ ସରପଂଚଙ୍କ ଗ୍ରାମରେ ମଧ୍ୟ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କୂଅ, ନଳକୂପ ତଥା ଘର ଗୁଡ଼ିକରୁ ବାହାରୁଥିବା ପାଣିର ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଖରା, ବର୍ଷା ବାର ମାସ ଗାଁ ଦାଣ୍ଡରେ କାଗଜ କଲମରେ ପଂଚାୟତ ଗୁଡିକୁ ସ୍ୱଚ୍ଛ ରଖିବାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି। ଯାହାର ଉଦାହରଣ ନର୍ଦ୍ଦମା ପାଣି ଭାସୁଥିବା ଦେଖିବାକୁ ମିଳୁଛି। ସରପଂଚଙ୍କ ଖୋଦ ନିଜ ଗ୍ରାମରେ ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସି ପାରୁନଥିବା ବେଳେ ଅନ୍ୟ ଗ୍ରାମ ଗୁଡିକରେ କଣ ସୁଧାର ଆସିବ ବୋଲି ପଂଚାୟତବାସୀ କହୁଥିବା ବେଳେ ରଜିଆ ପଂଚାୟତର କାର୍ଯ୍ୟଦକ୍ଷତା ଉପରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅନୁଦାନକୁ ଯୋଜନା ବିହୀନ ଭାବରେ କାର୍ଯ୍ୟ କରିବା ସହିତ ଲାଭଖୋର ମନବୃତି ନେଇ କାର୍ଯ୍ୟ କରାଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତେବେ ଏହାକୁ ନେଇ ରଜିଆ ପଂଚାୟତ ନିର୍ବାହୀ ଅଧିକାରୀ ହରିହର ଦାସଙ୍କୁ ଯୋଗାଯୋଗ କରିବାରୁ ଡ୍ରେନ ପାଇଁ ଲୋକେ ଜାଗା ଛାଡିବାକୁ ରାଜି ହେଉ ନ ଥିବାରୁ ଡ୍ରେନେଜ ବ୍ୟବସ୍ଥା ହୋଇ ପାରୁନାହିଁ ବୋଲି ସଫେଇ ଦେଇଥିବା ବେଳେ ପଂଚାୟତକୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନରେ ସର୍ଟପିଟ ନିର୍ମାଣ କରାଯିବାରେ କଣ ଅସୁବିଧା ରହିଛି ବୋଲି ପଚାରିବାରୁ କୌଣସି ସନ୍ତୋଷଜନକ ଉତର ମିଳି ପାରି ନ ଥିଲା। ତେବେ ଉପଯୁକ୍ତ ସର୍ଟପିଟ ସହିତ ଯୋଜନା ମୁତାବକ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସି ପାରିଲେ ଗାଁ ଦାଣ୍ଡରେ ନର୍ଦ୍ଦମା ପାଣି ବୋହିବା ପରିସ୍ଥିତିର ସାମ୍ନା କରିବାରୁ ମୁକ୍ତି ମିଳନ୍ତା, ତେଣୁ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହେଉଛି।

ହାତୀ ମୃତ୍ୟୁ ମାମଲା: ହାତୀ ଆକ୍ରମଣର ତଥ୍ୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୪/୦୩ (ନି.ପ୍ର): ରାଜ୍ୟରେ ହାତୀ-ମଣିଷ ଲଢ଼େଇରେ ହେଉଥିବା ଧନଜୀବନ ହାନି ପ୍ରସଂଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ପ୍ରସ୍ତୁତ ଆକ୍ସନ୍ ପ୍ଲାନ୍ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ଯୁଗ୍ମ ଟାସ୍କଫୋର୍ସ (ଜେଟିଏଫ୍) ଆବାହକ ତଥା ମୁଖ୍ୟ ବନ ସଂରକ୍ଷକ ଦାୟିତ୍ୱରେ ଥିବା ଡକ୍ଟର ମନୋଜ ଭି. ନାୟର ଦାଖଲ କରିଥିବା ତଥ୍ୟରୁ ଅନେକ ଉଦ୍‌ବେଗଜନକ ତଥ୍ୟ ସାମନାକୁ ଆସିଛି। ତଥ୍ୟ ଅନୁଯାୟୀ ଗଲା ଜାନୁଆରି ୧୮ରୁ ଏ ପର୍ଯ୍ୟନ୍ତ ୨ ମାସରୁ କମ୍ ସମୟ ଭିତରେ ୧୨ଟି ହାତୀଙ୍କ ମୃତ୍ୟୁ ହେଲାଣି। ସେହିଭଳି ହାତୀ ଆକ୍ରମଣରେ ୧୪ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ୨ଟି ହାତୀର ଶିକାର କରାଯାଇଥିବା ବେଳେ ୪ଟି ବିଦ୍ୟୁତ ଆଘାତଜନିତ ମୃତ୍ୟୁ। ଅନ୍ୟ ହାତୀଙ୍କ ଆକ୍ରମଣରେ ୨ଟି ହାତୀଛୁଆଙ୍କ ମୃତ୍ୟୁ ହୋଇଥିଲା। ଶିକାର ଓ ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ପାଇଁ ୬ଟି ଏତଲା ପଞ୍ଜୀକରଣ କରାଯାଇଥିବା ଜେଟିଏଫ୍ ସଦସ୍ୟ ଥିବା ଅତିରିକ୍ତ ଏସ୍‌ପି ଦର୍ଶାଇଥିଲେ। ଏହି ୬ଟି ଏତଲାକୁ ନେଇ ରୁଜୁ ମାମଲାର କଣ ଅଗ୍ରଗତି ହୋଇଛି ସେ ନେଇ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ତରଫରୁ ଅନୁମୋଦନ କରାଯାଇଥିବା ଆକ୍ସନ୍ ପ୍ଲାନ୍‌ରେ ମଣିଷ-ହାତୀ ଲଢେଇ ହ୍ରାସ କରିବା ପ୍ରସଂଗରେ ବ୍ୟବସ୍ଥା ରହିଛି। ଏପରି ଲଢେଇରେ ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା ଧନଜୀବନ ହାନି ପାଇଁ ଉପଯୁକ୍ତ କ୍ଷତିପୂରଣ ବ୍ୟବସ୍ଥା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନୁକମ୍ପାମୂଳକ ସହାୟତା ରାଶି ଓ କ୍ଷତିପୂରଣ ପ୍ରଦାନ କରାଯିବା କଥା। ଏଥିପାଇଁ ଜିଲ୍ଲାସ୍ତରର କମିଟି ରହିଛି। ବରିଷ୍ଠ ଅଧିକାରୀଙ୍କ ବୈଠକରେ ଅନୁମୋଦନ ପରେ କ୍ଷତିପୂରଣ ଓ ଅନୁକମ୍ପାମୂଳକ ସହାୟତା ରାଶି ପୀଡ଼ିତ ପରିବାରକୁ ପ୍ରଦାନ କରାଯିବା କଥା। କିନ୍ତୁ ପଶୁମାନଙ୍କ ଯୋଗୁଁ ହେଉଥିବା ଧନଜୀବନ, ଫସଲ ହାନି ପାଇଁ ଉପଯୁକ୍ତ କ୍ଷତିପୂରଣ ମିଳିବାରେ ବିଳମ୍ବ ହେଉଥିବା ଆଜି ଶୁଣାଣି ବେଳେ ଅଭିଯୋଗ ହୋଇଥିଲା। ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ସହିତ ଏଭଳି ଘଟଣାରେ ପ୍ରାଣ ହରାଇଥିବା ଓ ଆହତ ହୋଇଥିବା ବ୍ୟକ୍ତିଙ୍କ ନାଁ, ଯେଉଁମାନଙ୍କ ସଂପତ୍ତି ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହୋଇଛି ସେମାନଙ୍କ ତଥ୍ୟ, ଫସଲ ନଷ୍ଟ ସଂକ୍ରାନ୍ତରେ ସବିଶେଷ ବିବରଣୀ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ସବୁ ଘଟଣାରେ ପୀଡିତ ପରିବାର ମଧ୍ୟରୁ କାହାକୁ କେତେ ଟଙ୍କା ଅନୁକମ୍ପାମୂଳକ ସହାୟତା ଓ କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଛି ସେ ନେଇ ନିର୍ଦ୍ଦିଷ୍ଟ ଭାବେ ତଥ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ଉପସ୍ଥାପନ କରିବାକୁ ସରକାରଙ୍କୁ ହାଇକୋର୍ଟ କହିଛନ୍ତି। ଏଥି ସହିତ ବିଦ୍ୟୁତ ଆଘାତରେ ହାତୀ ମୃତ୍ୟୁ ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଆକ୍ସନ୍ ପ୍ଲାନ୍‌ରେ ଥିବା ବ୍ୟବସ୍ଥା ଅନୁସାରେ ସମସ୍ତ ବିଦ୍ୟୁତ ଆବଣ୍ଟନକାରୀ କମ୍ପାନିଗୁଡ଼ିକର ଉତ୍ତରଦାୟିତ୍ୱ କଣ ରହିବ ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଜେଟିଏଫ ଅବଗତ କରି

ଅଧିକ ଚା' ପିଇଲେ ଭୋଗିପାରନ୍ତି ଏହି ସମସ୍ୟା, ମେଦବହୁଳତା ବଢ଼ିଥାଏ

ଭାରତ ସମେତ ବିଶ୍ୱର ଅନେକ ସ୍ଥାନରେ ଲୋକମାନେ ସକାଳୁ ସକାଳୁ ଚା ପିଇଥାନ୍ତି । ଦିନସାରା ଅନେକ କପ୍ ଚା ପିଇବାକୁ ଇଚ୍ଛା କରନ୍ତି । ଯେତେବେଳେ ଅଫିସରେ ଚା ପିଇବା ବିଷୟରେ ପଚରାଗଲା, ଏହାକୁ 'ନା' କେହି କହିପାନ୍ତି ନାହିଁ।

ତଥାପି, ଅଧିକାଂଶ ଲୋକ ଚା 'ସହିତ ପ୍ରେମ କରୁଥିବା ଲୋକ ଦୂରେଇ ରୁହନ୍ତି। ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତି ପହଞ୍ଚାଇପାରେ । ଏଭଳି ପରିସ୍ଥିତିରେ ଏହି ଚା ପିଇବାର ସୀମା କ'ଣ ଜାଣିବା ଜରୁରୀ ଅଟେ।

ଚା'ରେ କଫିନ୍ ଏବଂ ବିଶୋଧିତ ଚିନି ରହିଥାଏ। ଏହି ଦୁଇଟି ଜିନିଷ ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା କରାଯାଏ ନାହିଁ । ଯଦି ଆପଣ ଦିନରେ ୫ ରୁ ୧୦ କପ୍ ଚା ପିଉଛନ୍ତି। ତେବେ ଏହା ଭୁଲ୍ ? ହୋଇଥାଏ। ଆପଣ ନିଜକୁ କ୍ଷତି ପହଞ୍ଚାଉଛନ୍ତି, ଏପରି ପରିସ୍ଥିତିରେ ସତର୍କ ରହିବା ଆବଶ୍ୟକ । ଚା 'ପିଇବା କ୍ଷତିକାରକ ନୁହେଁ। ଏହା ଆପଣଙ୍କୁ ସତେଜ କରିବାରେ ଏବଂ ଚାପରୁ ମୁକ୍ତି ଦେଇଥାଏ। କିନ୍ତୁ ଯଦି ଆପଣ ଏହା ଅଧିକ ମାତ୍ରାରେ ପିଅନ୍ତି । ତାହାଲେ ପେଟ ରୋଗ ଠାରୁ ହୃଦଘାତ ଭଳି ସମସ୍ୟା ହୋଇପାରେ।

ଭାରତରେ ଚା'ରେ ଚିନି ମିଶ୍ରଣ କରିବାର ଅଭ୍ୟାସ ବହୁତ ଅଧିକ। ଯଦି ଆପଣ ଦିନସାରା ଅନେକ କପ୍ ଚା ପିଅନ୍ତି। ତେବେ ଚିନି ଅଧିକ ଖାଇବା ଦ୍ୱାରା ରୋଗ ହୋଇଥାଏ। ଏପରି ପରିସ୍ଥିତିରେ, ଆପଣଙ୍କର ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇଥାଏ ଏବଂ ମଧୁମେହ ହେବାର ଆଶଙ୍କା ସୃଷ୍ଟି ହୋଇପାରେ ।

ଆମ ମଧ୍ୟରୁ ଅଧିକାଂଶ ସଚେତନ ଯେ ଅଧିକ ଚିନି ଖାଇବା ଦ୍ୱାରା ଚର୍ବିରେ ପରିଣତ ହୁଏ। ଯେଉଁ କାରଣରୁ ମେଦବହୁଳତା ବଢିଥାଏ ଏବଂ ତାପରେ ଚର୍ବି ପେଟରେ ଫୁଲିବା ଆରମ୍ଭ କରେ । ଏହା ଓଜନ ହ୍ରାସ କରିବା କଷ୍ଟକର କରିଥାଏ ।

ଯଦି ଆପଣଙ୍କ ମନରେ ଏହି ପ୍ରଶ୍ନ ଉଠିଛି ଯେ ଦିନରେ କେତେ କପ୍ ଚା ପିଇବା ଉଚିତ୍। ତେବେ ଆପଣ ପ୍ରତିଦିନ୨-୩ କପ୍ ଚା ପିଇ ପାରିବେ। ତାହା ମଧ୍ୟ ସୀମିତ ପରିମାଣର ଚିନି ସହିତ । ଯେଉଁମାନେ ଏହି ଅଭ୍ୟାସକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି, ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସାମ୍ନା କରିବାକୁ ପଡିପାରେ।

କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ୍

ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।

ସୋମବାର: ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

ମଙ୍ଗଳବାର: ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

ବୁଧବାର: ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ୍ୟ ବଢ଼ିଥାଏ।

ଗୁରୁବାର: ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

ଶୁକ୍ରବାର: ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ୍ୟ ପ୍ରାପ୍ତ ହୋଇଥାଏ।

ଶନିବାର: ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

ରବିବାର: ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।

ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ

ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ

ବିଷୟରେ...

୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ୍ୟ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ । ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

୪ଟି ଭୁଲପାଇଁ ହୋଇପାରେ କିଡନୀ ସମସ୍ୟାର କାରଣ

କିଡନୀ ମଣିଷ ଶରୀରରେ ରକ୍ତକୁ ସଫା କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରର ସବୁଠାରୁ ଗୁରୁ ପୂର୍ଣ୍ଣ ଅଙ୍ଗ ହୋଇଥାଏ । ପ୍ରତି ମଣିଷର ଶରୀରରେ ଦୁଇଟି କିଡନୀ ଥିବା ବେଳେ ଆଜିକାଲିର ବ୍ୟସ୍ତବହୁଳ ଜୀବନ ପାଇଁ ଲୋକମାନେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି। କିଛି ନ ଭାବି ସେମାନେ କିଛି ବି ଖାଉଥିବାରୁ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖା ଦେଉଛି । ଦିନ ସାରା ମଣିଷ କରୁଥିବା ଛୋଟ ଛୋଟ ଭୁଲ ପାଇଁ ଶରୀରର ଗୁରୁ ପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି । ଆସନ୍ତୁ ଜାଣିବା ସେ ବିଷୟରେ.....

♦ପାଣି ପିଇବା ଶରୀର ପାଇଁ ଲାଭଦାୟକ ହୋଇଥଏ । କିନ୍ତୁ ଦରକାରଠାରୁ ଅଧିକ କିମ୍ବା କମ ପାଣି ପିଇବା ଦ୍ୱାରା ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଦିନକୁ ୮-୧୦ଗ୍ଲାସ ପାଣି ପିଇବା ଦରକାର । ଏହାଠାରୁ ଅଧିକ ପାଣି ପିଇଲେ କିଡନୀକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହାଦ୍ୱାରା କିଡନୀ ଖୁବ୍ ଶୀଘ୍ର ଖରାପ ହେବାର ଆଶଙ୍କା ରହିଥାଏ ।

♦ଅଧିକ ମାତ୍ରାରେ ପେନ୍ କିଲର ଖାଇବା ଦ୍ୱାରା ଏହା କିଡନୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଶରୀରରେ ପେନ୍ କିଲରର ମାତ୍ରା ଅଧିକ ହେବା ଦ୍ୱାରା କିଡନୀରେ ଥିବା କୋଷିକାଗୁଡ଼ିକ ନଷ୍ଟ ହୋଇଯାଇଥାଏ ।

♦ଖାଇବା ପ୍ରସ୍ତୁତ ହେବା ପରେ ଯେଉଁ ଲୋକମାନେ ତା' ଉପରେ ଲୁଣ ପକାଇ ଖାଇଥାନ୍ତି, ସେମାନଙ୍କୁ କିଡନୀ ସହ ଜଡ଼ିତ ସମସ୍ୟା ହେବାର ଆଶଙ୍କା ଅଧିକ ରହିଥାଏ । ଏହା ଦ୍ୱାରା ଶରୀରରୁ ସୋଡିୟମ ସହଜରେ ବାହାରି ନ ପାରି କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ ।



ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ୍ୟ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।

ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...

ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ୍ୟ ଖୁବ୍ ଗୁରୁତ୍ୱ ରଖିଥାଏ।

ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ୍ୟ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ୍ୟ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ

ଲେମ୍ବୁ ଓ ନଡ଼ିଆ

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।

ଅଲିଭ ଅଏଲ ଓ ଜୈତୁନ ତେଲ

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅଣାୟ ନିଆଁର ଆଁ...

ଦେଶ ତଥା ଦୁନିଆ ବିଭିନ୍ନ ପ୍ରକାର ବିପର୍ଯ୍ୟୟର ସାମ୍ନା କରୁଛି । ସେଥିମଧ୍ୟରେ ପ୍ରାକୃତିକ ଯେତିକି ରହିଛି ତା'ଠାରୁ ଅଧିକ ମନୁଷ୍ୟକୃତ । ପ୍ରକୃତି କିଭଳି ଭୟଙ୍କର ବିପଦର କାରଣ ହେଉଛି, ତାହା ସମସ୍ତେ ପ୍ରତ୍ୟକ୍ଷ କରୁଛନ୍ତି । ଭୟଙ୍କର ଭୂକମ୍ପ, ଭୂସ୍ଖଳନ ଭଳି ଦୁର୍ଘଟଣା ସମଗ୍ର ମାନବ ସମାଜକୁ କିଭଳି ଆତଙ୍କ ଭିତରେ ରଖିଛି, ତାହା ବର୍ଣ୍ଣନାତୀତ । ମାନବ ସଭ୍ୟତା ବର୍ତ୍ତମାନ ଭଳି ବିପର୍ଯ୍ୟୟ ପୂର୍ବଦିନରେ କେବେ ଅଙ୍ଗେ ନିଭାଇନଥିଲା । ଦିନକୁ ଦିନ ପ୍ରକୃତିର ପ୍ରକୋପ ବଢ଼ିବାରେ ଲାଗିଛି, ତାର ପ୍ରମାଣ ଆମେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଓ ବନ୍ୟା ଭିତରେ ଦେଖିପାରୁଛୁ । ଏବେ ସେହି ବିପର୍ଯ୍ୟୟ ତାଲିକାରେ ପୋଡ଼ି ହୋଇଛି ଜଙ୍ଗଲ ନିଆଁ । ବିଦେଶରେ ମାସ ମାସ ଧରି ଜଙ୍ଗଲ ନିଆଁ ତମାମ ବନ ସମ୍ପଦକୁ ପାଉଁଶ କରିଦେଉଛି ତାର କଳନା ନାହିଁ । ବିପଦରେ ପଡ଼ିଥିବା ବନ୍ୟଜନ୍ତୁମାନେ ସହର ଜନପଦମୁହାଁ ହେବାରେ ଲାଗିଛନ୍ତି । ପ୍ରାଣୀ ସମ୍ପଦର ଆଜିର ଦିନରେ ଅସ୍ତିତ୍ୱ ସଙ୍କଟ ଦେଖାଦେଇଛି । ଏଭଳି ସମୟ ଆସିବ, ଅନେକ ପ୍ରଜାତିକ ଜୀବଜନ୍ତୁ ନିଶ୍ଚିହ୍ନ ହୋଇଯିବା ବିଚିତ୍ର ହେବନାହିଁ । ହାତୀ, ଭାଲୁ, ଝିଙ୍କ ଭଳି ଶ୍ୱାପଦ ଖାଦ୍ୟ ତଥା ସୁରକ୍ଷା ପାଇଁ କିଭଳି ଜନପଦମୁହାଁ ହେଉଛନ୍ତି, ତାହା ସମସ୍ତଙ୍କର ଅନୁଭୂତିର କଥା । ଏହିଭଳି ବିପଦମୁହାଁ ହେଲେ ପ୍ରାଣୀ ସମ୍ପଦ ଓ ମାନବ ସମ୍ବଳ ବିପନ୍ନ ହେବ, ତାହା ଜଳଜଳ ଦେଖାଯାଉଛି । ଅନ୍ୟ ଦେଶ କିମ୍ବା ରାଜ୍ୟ କଥା ଦୂରେ ଥାଉ, ଏବେ ଜଙ୍ଗଲ ନିଆଁ ବ୍ୟାପିବାରେ ଓଡ଼ିଶା ଦେଶରେ ଏକନମ୍ବର ହୋଇଛି । ଅସହାୟ ମଣିଷ ନା' ବନାଗ୍ନିକୁ ରୋକିବାକୁ ସମର୍ଥ ହୋଇପାରୁଛି, ନା' ତୁରନ୍ତ ଲିଭାଇବାକୁ ଚେଷ୍ଟାରେ ସଫଳ ହୋଇପାରୁଛି । ଜଙ୍ଗଲ ନିଆଁ ମାଇଲ ମାଇଲ ଦୀର୍ଘ ବନ ସମ୍ପଦ ଲୋପ କରିଚାଲିଛି । କେଉଁଠି ଟାଙ୍ଗରାର ଭୂଇଁ ପ୍ରାକୃତିକ ଉପାୟରେ ସ୍ୱତଃ ସୃଷ୍ଟିହେବାରେ ଲାଗିଛି, କେଉଁଠି ବିପର୍ଯ୍ୟୟଜନିତ ନୂଆ ନୂଆ ସମସ୍ୟା ଉତ୍ପନ୍ନ ହେବାରେ ଲାଗିଛି । ଅସ୍ୱାଭାବିକ ଭୂଚଳନ ହେତୁ ଭୂମିକମ୍ପ ସମସ୍ତଙ୍କର ଆଖି ଖୋଲି ଦେଇଛି । ତୁର୍କୀ-ସିରିଆର ଅଭୂତପୂର୍ବ ଭୂକମ୍ପ କାରଣରୁ ଅର୍ଦ୍ଧଲକ୍ଷାଧିକ ଜନସଂଖ୍ୟା କିଭଳି ଆଖିପିଛୁଳାକେ ନିଶ୍ଚିହ୍ନ ହୋଇଗଲା, ତାହା ବିଶ୍ୱ ଦେଖିଲା । ଜଙ୍ଗଲ ନିଆଁରେ ଜାତୀୟ ରେକର୍ଡ଼ କରିଥିବା ଓଡ଼ିଶାବାସୀଙ୍କ ପାଇଁ ଭୀଷଣ ମୁଣ୍ଡବ୍ୟଥାର କାରଣ ହୋଇଛି । ସପ୍ତାହକରେ ପ୍ରାୟ ୬ହଜାର ବନାଗ୍ନି ହୋଇଛି, ଆଗକୁ ଗ୍ରୀଷ୍ମ ସମ୍ଭାବନା ଥିବାରୁ ତାହା କେଉଁ ରୂପରେ ଆସିବ, ତାହା କୁହାଯାଇନପାରେ । ନିକଟରେ ସର୍ଟସର୍କିଟ୍ କାରଣରୁ ହେଉ କି ଅନ୍ୟ ହେତୁ ହେଉ ଶ୍ରୀକ୍ଷେତ୍ରର ନିର୍ଦ୍ଦିଷ୍ଟ ମାର୍କେଟ କମ୍ପଲେକ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟି କୋଟି କୋଟିର ସମ୍ପତ୍ତି ପାଉଁଶ ହୋଇଗଲା । ଅନେକ ପରିବାର ସେମାନଙ୍କର ଜୀବିକା ଓ ବେଉସା ହରାଇଲେ । ପୁରୀର ଅନ୍ୟ କେତେକ ଜାଗାରେ ନିଆଁ ଲାଗିବା ଅଗ୍ନିଶମ ବାହିନୀ ପାଇଁ ଶକ୍ତ ଚାଲେଞ୍ଜ ଆଣିଦେଇଛି । ପ୍ରାକୃତିକ ଜୈବ ବିବିଧତାର କ୍ଷେତ୍ର ଶିମିଳିପାଳ ଅଭୟାରଣ୍ୟରେ ମାସ ମାସ ଧରି ନିଆ ଲାଗିରହିବା ସମସ୍ତଙ୍କୁ ଚିନ୍ତାରେ ରଖିଛି । ବନ ବିଭାଗ ପାଖରେ ସେଭଳି କିଛି ସାଧନ ନାହିଁ, ଯାହାକି ମାଇଲ ମାଇଲ ବ୍ୟାପୀ ଜଙ୍ଗଲ ନିଆଁକୁ ନିର୍ବାପିତ କରିପାରିବ । ଅଗ୍ନିଶମ ବାହିନୀ ପାଖରେ ସାଧନ ସୀମିତ । ସୁଦ୍ଧା କିଛି କରିପାରିବା ସ୍ଥିତିରେ ନାହିଁ । ପାଠ କହୁଛି: ଘରପୋଡ଼ିଠାରୁ ବିପତ୍ତି ନାହିଁ କି' ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ । ସବୁଠି କୋଠାବାଡ଼ି ତିଆରି ଚାଲିଛି, ହେଲେ ସର୍ଟସର୍କିଟ୍ ବିପରି ଗୋଡ଼େ ଗୋଡ଼େ ଜଗିଛି । ଏବେ ଦେଶ ତଥା ବିଶ୍ୱରେ ଲାଗିରହିଥିବା ଜଙ୍ଗଲ ନିଆଁ ଇନ୍ଦ୍ର ଦେବତାଙ୍କ ଭରସାରେ ରହିଛନ୍ତି । କେବେ ବର୍ଷା ହେଲେ ଜଙ୍ଗଲ ନିଆଁ ଲିଭିବ । ଷଡ଼ ଋତୁ ଆଉ ନାହିଁ । ସବୁଠି କଳକାରଖାନା ଓ ପ୍ରଦୂଷଣ । ବର୍ଷରେ ଗୋଟିଏ-ଦୁଇଟି ଋତୁ । ଇନ୍ଦ୍ରଦେବଙ୍କ କୋପ ସମଗ୍ର ମଣିଷ ସମାଜକୁ ଘାଣ୍ଟି ଦେଇଥିବା ବେଳେ ବର୍ଷରେ ଦୁଇ-ତିନି ସପ୍ତାହ ଶୀତ ହେଉଛି । ବର୍ଷା କେଉଁଠି ବନ୍ୟାର ପ୍ରକୋପ ସୃଷ୍ଟି କରୁଛି ତ' ଆଉ କେଉଁଠି ଅସ୍ୱାଭାବିକ ସ୍ଥିତିର ହେଉଛି କାରଣ । ବଡ଼ ବଡ଼ ଦେଶ ଏହି ଭୟାବହ ସ୍ଥିତିରୁ ମୁକୁଳିପାରି ନାହାଁନ୍ତି । ଡ୍ରୋନ୍ ସାହାଯ୍ୟରେ କୃତ୍ରିମ ବର୍ଷା କରି ଜଙ୍ଗଲ ନିଆଁକୁ ଲିଭାଇବା ଉଦ୍ୟମ ସେଭଳି ଫଳପ୍ରଦ ହେଉଥିବା ଦେଖାଯାଉନାହିଁ । ମାତ୍ର ସମୟ ଓ ଶକ୍ତିର ସାଧତୀତ ପ୍ରୟୋଗର ପରୀକ୍ଷା ନିରୀକ୍ଷାରୁ ମଣିଷ କ୍ଷାନ୍ତ ହେଉନାହିଁ । ସେଭଳି କ୍ଷେତ୍ରରେ ଆମ ସମସ୍ତଙ୍କୁ କିଭଳି ଉତ୍ପନ୍ନ ସମସ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ତାହା ହିଁ ପ୍ରମୁଖ ପ୍ରସଙ୍ଗ ।

ମାଟି, କୃଷି ଓ ଚାଷୀ

ଡି ଶୁଭମ୍

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି । ଏକ ନିରୀହ ଚାହାଁଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ । ସେଇଥି ପାଇଁ ତ ସେ ମହାନ । ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି । ଏକଥା ସତ । କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ । ଚାରି ବର୍ଷର ପାଠପଢ଼ାକୁ ମୁଁ ସମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି । ସେଇଥି ଘର, ସେଇଠି ସ୍ୱର୍ଗ । ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ । କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା । ଅର୍ଥାତ ଏଇ ଚାରି ଘଂଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ । ସେ ମୁହୂର୍ତ୍ତ ସତରେ ସ୍ମରଣୀୟ । ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି । ଆଉ ମୁଁ ତ ଏହାର ଭୁକ୍ତଭୋଗୀ । ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି, କେତେ କଥା ଗାଁରେ । ପୁଅ ଚାଷ କରିବ ବଡ଼ ହୋଇ, ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି । ଏମିତି ଅନେକ । ସେତେବେଳେ ତ କିଛି ବୁଝିପାରି ନଥିଲି । କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି । ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି, କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ । ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି । ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି । ଅନେକ କିଛି ଶିଖିଛି । ଅନେକ ଚାଷୀଙ୍କ ସହ ମିଶିଛି । ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି । ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି । ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି, ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ । ମନେମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି, ବର୍ଷରେ ଚାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ । ନା ପ୍ୟାକେଜ, ନା ହାକିମ ହେବାର ଇଚ୍ଛା । ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ । ବାସ ଚାଷ ଜମିରେ କେଇ ଘଂଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ । କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ । ମାଟି କୃଷିର ଏନ୍ତୁଡିଶାଳ । ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ । ଜଣକ ବିନା ଅନ୍ୟଟି ନିରୁପାୟ । ମାଟି ଉପରେ ହିଁ ଚାଷ କରେ କୃଷକ । ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ । ସବୁର ଆଧାର ମାଟି । ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି । ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି । ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି । ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି । ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣକୁ ବି ପଢିଛନ୍ତି । ହେଲେ କ'ଣ ହେବ, ସବୁ ଯାହାକୁ ତାହା । ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି । ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି । ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ । ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି ।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି । ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି । ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ । ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି । ଏହା ଜାଣି ବି ସବୁ ଅଜଣା । ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି । କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି । ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି । ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା । ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି । ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ । କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ । ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି । ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି । ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ । ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି ।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି । ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ । ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର । ଚାଷକୁ ଭଲପାଇବାର । ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା । କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା । ଆମ ଚାଷୀ ଆମ ଦେଶର ବଳ । ଆମ ଶକ୍ତି ଆଉ ଚେତନାର ପରିମାପକ । ଆମ ସଂସ୍କୃତିର ମୂଳାଧାର । ସେ ଚାଷୀକୁଳକୁ ମୋର କୋଟି ନମନ ।

+ଜୈବ ନିରୀକ୍ଷକ, ଓଡ଼ିଶା
ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା,
ଭୁବନେଶ୍ୱର

ପ୍ରକୃତି ସହ ସୁସମ୍ପର୍କରେ ହିଁ ବଞ୍ଚିବା

ବିପିନ ବିହାରୀ ରାଉତ

ବିଶ୍ୱ ଆଗରେ ନିୟମିତ ଗୋଟିଏ ପରେ ଗୋଟିଏ ବିପଦ ଉଭା ହେଉଛି । କରୋନା ଭଳି ମହାମାରୀ ଅଚାନକ ନେଇଗଲା ଲକ୍ଷ ଲକ୍ଷ ଜୀବନ । ତେବେ ଯେଉଁ ବଡ଼ ବିପଦ ଆମ ମୁଣ୍ଡ ଉପରେ ଡେମୋକ୍ଲିସର ଖଣ୍ଡା ହୋଇ ଝୁଲୁଛି, ତାହା ହେଉଛି ପରିବେଶ । ପରିବେଶ ପ୍ରଦୂଷଣ କାରଣରୁ ଭୟଙ୍କର ପରିସ୍ଥିତି ଆଡ଼କୁ ବିଶ୍ୱ ଗତି କରୁଥିଲାବେଳେ କେବଳ ଦିନଟିଏ ପାଇଁ କିମ୍ବା ସପ୍ତାହେ ପାଇଁ ଏହି ଦିବସ ପାଳନ କରିଦେଇ ଆମେ ଚୁପ ହୋଇ ରହିଗଲେ ବିପଦକୁ ସମ୍ପୂର୍ଣ୍ଣ ଏଡ଼ାଇ ପାରିବା ନାହିଁ । ଦାୟିତ୍ୱ ସମସ୍ତଙ୍କର । ଜୁନ ୫ ତାରିଖ ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱ ପାଳନ କରିଛି ବିଶ୍ୱ ପରିବେଶ ଦିବସ । ପରିବେଶ ଦିଗରେ ସଚେତନା ସୃଷ୍ଟି ନିମନ୍ତେ ୧୯୭୪ ମସିହାରୁ ଏହି ଦିବସ ପାଳନ କରାଯାଉଛି । ଭାରତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମର ଧୁମଧାମ ଆୟୋଜନ ହୋଇଥାଏ । ହେଲେ ପରେ ଆମେ ଏହି ଦିନ ନେଇଥିବା ନିଷ୍ପତ୍ତିକୁ କେତେ ସଫଳତାର ସହ ପୂରଣ କରିଛେ ତାକୁ ଭୁଲିଯାଇଥାଏ ।

ଧରିତ୍ରୀ ଆମର ମା', ପ୍ରକୃତି ଆମର ଜୀବନ । ପ୍ରକୃତି ବିନା ଜୀବନ ଅସମ୍ଭବ ଏହା ଆମେ ସମସ୍ତେ ଜାଣିଛେ । ମାତ୍ର ବିକାଶ ଓ ଆଧୁନିକତାର ପ୍ରତିଯୋଗିତାର ନିୟମିତ ପରିବେଶକୁ କ୍ଷତି ପହଞ୍ଚାଉଛେ । ଶିଳ୍ପ ପ୍ରତିଷ୍ଠାନ ପାଇଁ ହେଉ ଅବା ବିଧାୟକଙ୍କ ଘର କିମ୍ବା ସଂସଦ ଭବନ, ସବୁଠି ବଳି ପଡୁଛି ବୃକ୍ଷ । କିଛି ଦିନ ହୋହଲ୍ଲା ପରେ ସମସ୍ତେ ଚୁପଚାପ । କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବାର ପ୍ରତିଶ୍ରୁତି ସାଧାରଣ ଜନତାଙ୍କୁ ସରକାର ଦେଉଥିଲାବେଳେ ପରେ ଗୋଟିଏ ଗଛ ବଞ୍ଚିଛି ନା ନାହିଁ ତାକୁ ଦେଖିବାକୁ କେହି ନାହାନ୍ତି । କ୍ରମାଗତ ଭାବେ ଆମେ ପ୍ରକୃତି ଠାରୁ ଦୂରେଇ ଚାଲିଛେ । ଝରଣା, ନଦୀ, ହ୍ରଦ, ଜଙ୍ଗଲ ଦେଖିବାକୁ ଦୂରକୁ ଯିବାକୁ ପଡୁଛି । ଆଉ ପ୍ରକୃତିକୁ କ୍ଷତ ପହଞ୍ଚାଇବାର ପରିଣାମ ନିୟମିତ ଭୋଗୁଛେ । ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ତାତି ୪୫ ଡିଗ୍ରୀ ଟପିଲାଣି ତ ଆଉ କେତେବେଳେ ଅବିଶ୍ରାନ୍ତ ବର୍ଷା ଜନ ଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି । ଖରା, ବର୍ଷା, ଶୀତ ସବୁଥିରେ ଅନିଶ୍ଚିତତା । ଜଳସ୍ତର ହ୍ରାସ କାରଣରୁ ଜଳ ସଙ୍କଟ ବଢ଼ିବାରେ ଲାଗିଛି । ଗଛ କାଟିବାରୁ ପ୍ରଦୂଷିତ ହେଉଛି ବାୟୁ । ଆଉ କେବଳ ଏହି ବାୟୁ ପ୍ରଦୂଷଣ କାରଣରୁ ବର୍ଷକରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକଙ୍କର ଯାଉଛି ଜୀବନ । ସହରାଞ୍ଚଳରେ ଶାନ୍ତିରେ ନିଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା ବେଳେ ଗ୍ରାମାଞ୍ଚଳ ସ୍ଥିତି ମଧ୍ୟ ସେହି ଆଡ଼କୁ ମୁହାଁଇଲାଣି ।

ସବୁରି ମୂଳର ବଡ଼ କାରଣ ହେଉଛି ଜୀବନଧାରଣର ମାନ ବଦଳିବା । ନିଜକୁ ଆରାମଦାୟକ ସ୍ଥିତିରେ ରଖିବା ପାଇଁ ଯେଉଁସବୁ ପଦକ୍ଷେପ ଆମେ ନେଉଛେ ତାହା ଅନ୍ୟମାନଙ୍କ ପାଇଁ ବିପଦ ଡାକୁଛି । ଆଉ ଏହି ବିପଦରେ ମଧ୍ୟ ଆମେ ହିଁ ପଡୁଛେ । ପ୍ରକୃତି ଠାରୁ ଦୂରେଇ ରହିବା କାରଣରୁ ଏଭଳି ରୋଗ ଦେଖିବାକୁ ମିଳୁଛି ଯାହାର ଔଷଧ ବୈଜ୍ଞାନିକଙ୍କ ହାତରେ ମଧ୍ୟ ନାହିଁ । ଜଙ୍ଗଲ ନଷ୍ଟ ହେବା ଏହି କାରଣରୁ ପ୍ରଦୂଷଣ ବଢ଼ିବା ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବର୍ତ୍ତମାନ ସମୟରେ । ତେଣୁ ନିଜକୁ ବଞ୍ଚାଇ ପୃଥିବୀକୁ ବଞ୍ଚାଇ ରଖିବାର ଉଦ୍ୟମ କ୍ରମେ ଜୁନ ୫ ତାରିଖକୁ ଯଦିଓ ଆମେ ବିଶ

ମହାପ୍ରଭୁଙ୍କ ଯାତ୍ରା ବିଗ୍ରହ

ଦିଲ୍ଲୀପ କୁମାର ସାହୁ

ବର୍ଷସାରା ଶ୍ରୀକ୍ଷେତ୍ର ପୁରୀ ଉତ୍ସବ ମୁଖର । ପ୍ରତିଦିନ ମହାପ୍ରଭୁଙ୍କର କିଛି ନା କିଛି ଲିଳା ବା ଯାତ୍ରା ଅନୁଷ୍ଠିତ ହୋଇଥାଏ । କେବଳ ସ୍ନାନ ଓ ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ସ୍ୱୟଂ ବିଗ୍ରହ ଭାବରେ ଭାଗ ନେଇଥାନ୍ତି ।

ବାକି ଯାତ୍ରା ଓ ଲିଳା ମାନଙ୍କରେ ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହ ମାନେ ଅଂଶ ଗ୍ରହଣ କରିଥାନ୍ତି । ସେହି ଚଳନ୍ତି ବିଗ୍ରହ ମାନଙ୍କ ପାଇଁ ଶ୍ରୀମନ୍ଦିର କୁ ଲାଗି ଦୁଇଟି ଘର ରହିଛି । ଭଣ୍ଡାର ଘର ଓ ଦକ୍ଷିଣ ଘର ।

ଭଣ୍ଡାର ଘରେ ପୂଜା ପାଉଥିବା ଚଳନ୍ତି ବିଗ୍ରହ ମାନେ ହେଲେ ଶୟନ ଠାକୁର, ଲୋକନାଥ , ଦୁର୍ଗା ବାସୁଦେବ, ଭୁବନେଶ୍ୱରୀ ଏବଂ ନାରାୟଣ । ଶୟନ ଠାକୁର ହେଉଛନ୍ତି ପ୍ରଭୁଙ୍କର ଅର୍ଦ୍ଧନାରୀଶ୍ୱର ବେଶ । ମୂର୍ତ୍ତିଙ୍କର ବାମାଙ୍ଗ ମାଆ ଲକ୍ଷ୍ମୀଙ୍କ ସ୍ୱରୂପ ହୋଇଥିବାବେଳେ ଦକ୍ଷିଣାଙ୍ଗ ରେ ସେ ନାରାୟଣ । ପ୍ରତି ରାତ୍ରିରେ ବଡ଼ଙ୍ଗିହାର ବେଶ ଶେଷ ହେବାପରେ ଶୟନ ମୂର୍ତ୍ତି ଗର୍ଭ ଗୃହକୁ ବିଜେ କରନ୍ତି । ତାଙ୍କ ନିକଟରେ ନୈବେଦ୍ୟ ଓ ଆଳତି ଅର୍ପଣ ପରେ ମହାପ୍ରଭୁଙ୍କ ପାଇଁ ରତ୍ନ ପଲଙ୍କ ରେ ଶୟନ କରିଥାନ୍ତି ।

ଭଣ୍ଡାର ଘରେ ପୂଜିତ ବାସୁଦେବ, ଭୁବନେଶ୍ୱରୀ ଏବଂ ନାରାୟଣ ମୂର୍ତ୍ତିଙ୍କୁ ମଧ ଶୟନ ପ୍ରତିମା କୁହାଯାଏ ।

ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ଯାଏ ମହାପ୍ରଭୁଙ୍କ ଶୟନ ଲିଳାରେ ଏହି ତିନି ମୂର୍ତ୍ତି ଭାଗ ନେଇଥାନ୍ତି । ବାସୁଦେବ ବଳଭଦ୍ରଙ୍କ ପାଇଁ, ଭୁବନେଶ୍ୱରୀ ସୁଭଦ୍ରାଙ୍କ ପାଇଁ ଓ ନାରାୟଣ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଚାରିମାସ କାଳ, ଭଣ୍ଡାର ଘର ଉପରେ ଥିବା ଖଟ ଶେଯ ବା ସମୁଦ୍ର ଘରେ ଶୟନ କରିଥାନ୍ତି । ଭଣ୍ଡାର ଘର ରକ୍ଷକ ଭାବରେ ବିଦିତ ଲୋକନାଥ ମୂର୍ତ୍ତି ବର୍ଷରେ ତିନିଗୋଟି ଲିଳାରେ ଭାଗ ନେଇଥାନ୍ତି । ଚନ୍ଦନ ସମୟରେ ସେ ଶ୍ରୀଲୋକନାଥ ମହାଦେବଙ୍କ ପ୍ରତିନିଧି ଭାବରେ ମହାପ୍ରଭୁଙ୍କ ସହ ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ଚାପ ଖେଳିଥାନ୍ତି । ଜାଗର ଦିନ ସକାଳ ଧୂପ ପରେ ସେ ସୁସଜ୍ଜିତ ବିମାନରେ ଶ୍ରୀଲୋକନାଥ ମନ୍ଦିର କୁ ଯାତ୍ରା କରିଥାନ୍ତି । ସେହି ଯାତ୍ରା ସମୟରେ ରାସ୍ତାରେ ଭକ୍ତ ମାନେ ପ୍ରଭୁଙ୍କୁ ପନ୍ତି ଭୋଗ ଅର୍ପଣ କରିଥାନ୍ତି । ସାରା ଦିନ ମୂଳ ବିଗ୍ରହ ଶ୍ରୀଲୋକନାଥଙ୍କ ପ୍ରତିନିଧି ଭାବରେ ବେଢ଼ା ପରିକ୍ରମା, ହରିହର ଭେଟ ଆଦି ଲିଳା ସମ୍ପାଦନ କରିଥାନ୍ତି । ଯଦି ସୋମବାର ଏକାଦଶୀ ପଡ଼େ ସେହି ତିଥିକୁ ଶମ୍ଳ ଏକାଦଶୀ କୁହାଯାଏ । ସେହିଦିନ ମଧ ଶ୍ରୀମନ୍ଦିର ଭଣ୍ଡାର ଘରୁ ଲୋକନାଥଙ୍କ ମୂର୍ତ୍ତି ଶ୍ରୀଲୋକନାଥ ମନ୍ଦିର କୁ ଯାଇ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ରେ ଭାଗ ନେଇଥାନ୍ତି । ଭଣ୍ଡାର ଘରେ ଥିବା ମାଆ ଦୁର୍ଗାଙ୍କ ମୂର୍ତ୍ତି ଶାକ୍ତ ଗୁଣ୍ଡିଚା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

ମୂଳାଅଷ୍ଟମୀଠାରୁ ଦଶହରା ଯାଏ ମାଆ ଏବୂ ରତ୍ନ ସିଂହାସନରେ ପୂଜା ପାଉଥିବା ମାଧବ ମୂର୍ତ୍ତିଙ୍କ ସହ ଏକ ଭଦ୍ରାସନରେ ରୁନ୍ଧା ହୋଇ ପୂଜା ପାଆନ୍ତି । ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପ୍ରଥମ ଆଠ ଦିନ ବିମଳା ମନ୍ଦିର ଓ ବାକି ଆଠ ଦିନ ଦୋଳମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ଯାଆନ୍ତି । ଏହାକୁ ଶାକ୍ତ ଗୁଣ୍ଡିଚା ଯାତ୍ରା କୁହାଯାଏ । ଏହି ସମୟରେ ରାଧାମାଧବଙ୍କୁ ବିଶେଷ ଭାବରେ ପୂଜା କରାଯାଏ । ଶେଷରେ ଦଶହରା ଦିନ ରାଧାମାଧବ ଜଗନ୍ନାଥ ବଲ୍ଲଭ ମଠକୁ ଯାଆନ୍ତି ଓ ସେଠାରେ ତାଙ୍କୁ ଆଳତି ଅର୍ପଣ ଓ ପୂଜା ଅର୍ଚ୍ଚନା କରାଯାଏ । ସେଠାରୁ ଫେରିବା ପରେ ଶାକ୍ତ ଗୁଣ୍ଡିଚା ଶେଷ ହୋଇଥାଏ । ମାଆ ଦୁର୍ଗା ଭଣ୍ଡାର ଘରକୁ ଓ ମାଧବ ରତ୍ନ ସିଂହାସନକୁ ଫେରିଯାଇଥାନ୍ତି ।

ଶ୍ରୀମନ୍ଦିର ରତ୍ନବେଦିରେ ମଧ ଦୁଇ ମୂର୍ତ୍ତି ଚଳନ୍ତି ପ୍ରତିମା ପୂଜା ପାଆନ୍ତି । ସେମାନେ ହେଲେ ଭୂଦେବୀ ବା ସରସ୍ୱତୀ ଓ ଶ୍ରୀଦେବୀ ବା ମହାଲକ୍ଷ୍ମୀ । ଏହି ଦୁଇ ଠାକୁରାଣୀ ଚନ୍ଦନ, ଝୁଲଣ ଓ ଚାଚେରୀ ଲିଳାରେ ମିଳିତ ଭାବରେ ଅଂଶଗ୍ରହଣ କରିଥାନ୍ତି । କିନ୍ତୁ ରଥ ଯାତ୍ରା ସମୟରେ ଶ୍ରୀଦେବୀ ବା ମହାଲକ୍ଷ୍ମୀ ଙ୍କ ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ । ଚତୁର୍ଦ୍ଧା ମୂର୍ତ୍ତି ରଥଯାତ୍ରା ରେ ଗଲା ପରେ ଭୂଦେବୀ ଓ ଶ୍ରୀଦେବୀ ଭଣ୍ଡାର ଘରେ ଅବସ୍ଥାନ କରନ୍ତି । ହେରାପଞ୍ଚମୀ ଦିନ ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଖୋଜିବାକୁ ଯାଇ ନିରାଶ ହୋଇ ଫେରନ୍ତି । ବାହୁଡ଼ା ଦିନ ସେ ଚାହାଣୀ ମଣ୍ଡପରେ ମହାପ୍ରଭୁ ଙ୍କୁ ଅପେକ୍ଷା କରନ୍ତି । ନନ୍ଦିଘୋଷ ରଥ ରାଜ ଉଆସ ନିକଟରେ ପହଞ୍ଚିବାପରେ ମାଆ ମହାପ୍ରଭୁଙ୍କୁ ସେଠାରେ ଦେଖାକରନ୍ତି ଓ ନିଜର ଅସନ୍ତୋଷ ବ୍ୟକ୍ତ କରନ୍ତି । ନୀଳାଦ୍ରି ବିଜେ ଦିନ ମହାପ୍ରଭୁ ଚାରମାଳ ଉପରକୁ ଆସିବାବେଳେ ମାଆ ତାଙ୍କୁ ଭେଟ ମଣ୍ଡପରୁ ଦର୍ଶନ କରନ୍ତି । ମହାପ୍ରଭୁ ଶ୍ରୀମନ୍ଦିରରେ ପ୍ରବେଶ କରିବା ସମୟରେ ପ୍ରଥମେ ସିଂହ ଦ୍ୱାରରେ ଓ ପୁଣି ଥରେ ଜୟବିଜୟ ଦ୍ୱାର ନିକଟରେ ମା ତାଙ୍କ ସହ କଥା କଟାକଟି କରିଥାନ୍ତି । କପଟୀ କାଳିଆ କିନ୍ତୁ ମାଆଙ୍କୁ କୌଣସି ମତେ ତୋଷ କରି ମନ୍ଦିର ରେ ପ୍ରବେଶ କରନ୍ତି ଓ ମା ମଧ ରତ୍ନସିଂହାସନରେ ବିଜେ କରନ୍ତି ।

ରୁକ୍ମିଣୀ ବିବାହରେ ମଧ ଶ୍ରୀଦେବୀ ବା ମହାଲକ୍ଷ୍ମୀ ରୁକ୍ମିଣୀ ରୂପରେ ମହାପ୍ରଭୁ ଙ୍କ ସହ ବିବାହ ଲିଳାରେ ଅଂଶଗ୍ରହଣ କରିଥାନ୍ତି । ଅନ୍ୟ ପକ୍ଷରେ ମଦନମୋହନଙ୍କ ସହ ଭୂଦେବୀ ଓ ଶ୍ରୀଦେବୀ ଉଭୟେ ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୋଖରୀକୁ ଯାଇ ଚାପ ଖେଳିଥାନ୍ତି ଓ ଝୁଲଣ ସମୟରେ ଦୋଳି ରେ ବସି ଝୁଲିଥାନ୍ତି । ସେହିଭଳି ଚାଚେରୀ ଲିଳା ରେ ଦୋଳଗୋବିନ୍ଦଙ୍କ ସହ ଭୂଦେବୀ ଓ ଶ୍ରୀଦେବୀ ଶ୍ରୀପଞ୍ଚମୀ ଦିନ ଏବଂ ଫଗୁଦଶମୀରୁ ଦୋଳ ପୂର୍ଣ୍ଣିମା ଯାଏ ଅଂଶ ଗ୍ରହଣ କରିଥାନ୍ତି ।

ଶ୍ରୀମନ୍ଦିରର ସବୁଠାରୁ ବେଶି ଲିଳା ଓ ପର୍ବପର୍ବାଣୀ ରେ ଯୋଗଦାନ କରୁଥିବା ଯାତ୍ରା ବିଗ୍ରହ ବା ଚଳନ୍ତି ପ୍ରତିମା ପୂଜା ପାଆନ୍ତି ମନ୍ଦିରର ଦକ୍ଷିଣ ଘରେ । ଘରଟି ମୁକ୍ତି ମଣ୍ଡପ ପଟୁ ଜଗମୋହନକୁ ଯାଇଥିବା ଦ୍ୱାର ବା ବେହରଣ ଦ୍ୱାରର ବାମରେ ଅବସ୍ଥିତ । ଶ୍ରୀମନ୍ଦିରର ଦକ୍ଷିଣକୁ ଲାଗି ଘରଟି ଥିବାରୁ ତାହା ଦକ୍ଷିଣ ଘର ଭାବରେ କ୍ଷାତ । ସେହି ଘରେ ପୂଜା ପାଉଥିବା ଚଳନ୍ତି ବିଗ୍ରହ ମାନେ ହେଲେ ମଦନମୋହନ ରାମ-କୃଷ୍ଣ, ନାରାୟଣ, ଦୋଳଗୋବିନ୍ଦ, ଲକ୍ଷ୍ମୀ ନୃସିଂହ, ନୃସିଂହ ଓ ପଞ୍ଚ ମହାଦେବ ।

ମଦନମୋହନ ହେଉଛନ୍ତି ଶ୍ରୀମନ୍ଦିରର ପ୍ରମୁଖ ଯାତ୍ରା ବିଗ୍ରହ । ମୂର୍ତ୍ତିଙ୍କର ଉଚ୍ଚତା ପ୍ରାୟ ଏକ ଫୁଟ, ଯାହାକି ଅଷ୍ଟ ଧାତୁରେ ତିଆରି । ପ୍ରତି ଏକାଦଶୀରେ ମହାପ୍ରଭୁଙ୍କ ବେଢ଼ା ପରିକ୍ରମା ନୀତି ମଦନମୋହନ ସମ୍ପାଦନ କରନ୍ତି । ଚନ୍ଦନ ସମୟରେ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ମଣିବିମାନରେ ବସି ଚାପ ଖେଳି ଯାଆନ୍ତି । ରଥ ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ନନ୍ଦିଘୋଷ ରଥରେ ବିଜେ ହୋଇ ଗୁଣ୍ଡିଚା ଘର ଯାଆନ୍ତି । ଝୁଲଣ ଯାତ୍ରାରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ସୁସଜ୍ଜିତ ବିମାନରେ ବସି ଝୁଲଣ ବେଦୀରେ ଝୁଲିଥାନ୍ତି । ଶମ୍ଳ ଏକାଦଶୀରେ ଲୋକନାଥ ମନ୍ଦିରକୁ ଯାଇ ହରିହର ଭେଟରେ ଭାଗ ନେଇଥାନ୍ତି । ଏମିତି ମହାପ୍ରଭୁଙ୍କ ଅନେକ ଲିଳା ରେ ଭାଗ ନେଇଥାନ୍ତି ମଦନ ମୋହନ ।

ପ୍ରତି ଅମାବାସ୍ୟାଦିନ ମହାପ୍ରଭୁ ସାଗର ବିଜେ କରିବା ପରମ୍ପରା ରହିଛି । ଏହା ଦକ୍ଷିଣ ଘରେ ପୂଜିତ ଶ୍ରୀନାରାୟଣଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ସେଦିନ ସକାଳ ଧୂପ ପରେ ନାରାୟଣ ମୂର୍ତ୍ତି ରତ୍ନ ସିଂହାସନରେ ବିଜେ ହୁଅନ୍ତି । ସେଠାରୁ ଆଜ୍ଞାମାଳ ପ୍ରାପ୍ତ ହେବାପରେ ପାଲିଙ୍କିରେ ବସି ମହୋଦଧି ତଟକୁ ଶୋଭାଯାତ୍ରା କରି ଯାଆନ୍ତି । ମହୋଦଧି ତଟରେ ପହଞ୍ଚିଲା ପରେ ଗରାବଡ଼ୁ ରୁପା ପିଙ୍ଗଣ ବା ପାତ୍ରରେ ସମୁଦ୍ରରୁ ଜଳ ଆଣନ୍ତି । ପୂଜାପଣ୍ଡା ସେହି ଜଳକୁ ଶୋଧ କରି ପ୍ରଭୁଙ୍କ ପାଦ ଧୋଇଦିଅନ୍ତି । ତାପରେ ସାବତ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପଣା ଅର୍ପଣ କରାଯାଏ ଓ ସେଠାରେ ପୂଜା ଅର୍ଚ୍ଚନା ଏବଂ ଆଳତି ଅର୍ପଣ କରାଯାଏ । ପୂଜା ସରିଲେ ପ୍ରଭୁ ଯମେଶ୍ୱର ମହାଦେବ ମନ୍ଦିରକୁ ଯାଇ ପନ୍ତି ଭୋଗ ଲାଗି ହୋଇଥାନ୍ତି । ଏହାପରେ ପ୍ରଭୁ ଦକ୍ଷିଣ ଘରକୁ ଫେରିଯାଇଥାନ୍ତି ।

ଦକ୍ଷିଣ ଘରେ ପୂଜା ପାଉଥିବା ଆଉ ଦୁଇ ପ୍ରମୁଖ ମୂର୍ତ୍ତୀ ହେଲେ ରାମ କୃଷ୍ଣ । ସେମାନେ ଚନ୍ଦନ ଯାତ୍ରାରେ ଭାଗ ନେବା ସହ ରଥଯାତ୍ରାରେ ବଳଭଦ୍ରଙ୍କ ରଥରେ ବିଜେ ହୋଇ ଗୁଣ୍ଡିଚା ଘରକୁ ଯାଇଥାନ୍ତି ।

ଦକ୍ଷିଣ ଘରେ ପୂଜିତ ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ବେଣ୍ଟ ଲିଳା ଓ ଚାଚେରୀ ବା ଦୋଳ ଉତ୍ସବରେ ଭାଗ ନେଇଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ରାମଙ୍କର ଅବତାର ବୋଲି ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣ ରେ ବର୍ଣ୍ଣିତ । ତେଣୁ ରାମନବମୀ ଠାରୁ ବୈଶାଖ କୃଷ୍ଣ ଦ୍ୱିତୀୟା ଯାଏ ଶ୍ରୀମନ୍ଦିର ରେ ରାମଲୀଳା ଆୟୋଜିତ ହୋଇଥାଏ । ଏଥିରେ ରାମଜନ୍ମଠାରୁ ରାବଣ ବଧ ଓ ରାମ ଅଭିଷେକ ଯାଏ ଲିଳା ଅନୁଷ୍ଠିତ ହୋଇଥାଏ । ଏହି ସବୁ ଲିଳାରେ ଦକ୍ଷିଣ ଘରେ ପୂଜିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବିଗ୍ରହ ଭାଗ ନେଇଥାନ୍ତି । ଦକ୍ଷିଣ ଘରେ ପୂଜା ପାଉଥିବା ଲକ୍ଷ୍ମୀ ନୃସିଂହ ନବକଳେବର ସମୟରେ ବିଭିନ୍ନ ନୀତି କ୍ରାନ୍ତି ରେ ଭାଗ ନେଇଥାନ୍ତି । ଦକ୍ଷିଣ ଘରେ ପୂଜିତ ନୃସିଂହ ମୂର୍ତ୍ତୀଙ୍କୁ କୁହାଯାଏ ବାଡି ନୃସିଂହ । ଶ୍ରୀକ୍ଷେତ୍ରକୁ ବାଡି ବା ହଇଜା ପରି ସଙ୍କ୍ରାମକ ରୋଗ ମାନଙ୍କ କବଳରୁ ସୁରକ୍ଷା ଦେବାପାଇଁ ସେ ଶ୍ରାବଣ ଶୁକ୍ଳ ନବମୀ ଓ ଚୈତ୍ର ଶୁକ୍ଳ ଚତୁର୍ଥୀ ଦିନ ବର୍ଷକୁ ଦୁଇଥର କ୍ଷେତ୍ର ପରିକ୍ରମା କରିଥାନ୍ତି ଏବଂ ଶ୍ରୀମନ୍ଦିରରେ ପାଳିତ ନୃସିଂହ ଜନ୍ମ ଉତ୍ସବରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

ଭକ୍ତ ବତ୍ସଳ ପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତ ନିକଟକୁ ଯାଇ ଆଶିଷ ପ୍ରଦାନ କରିଥାନ୍ତି । ରଥ ଓ ସ୍ନାନ ଯାତ୍ରାକୁ ଛାଡି ବାକି ସବୁ ଯାତ୍ରା ଓ ଉପଯାତ୍ରା ରେ ମହାପ୍ରଭୁଙ୍କ ପ୍ରତିନିଧିତ୍ୱ କରିଥାନ୍ତି ତାଙ୍କ ଉତ୍ସବ ବିଗ୍ରହ ମାନେ, ଯାହାଙ୍କୁ ଦର୍ଶନ କରି ଧନ୍ୟ ହୋଇଥାନ୍ତି ଭକ୍ତ ମାନେ ।

ମୋ:୭୦୭୭୨୦୬୯୭୭

ପାର୍ଟିଓୟାରରେ ନୂଆ ଟ୍ରେଣ୍ଡ୍

ଗାଉନ୍, କାରୁକାର୍ଯ୍ୟ ଖଚିତ ଶାଢ଼ି ଓ ପାଶ୍ଚାତ୍ୟ ଶୌଳୀର ପୋଷାକର ଆଦର ବେଶୀ

ଆଜିକାଲି ପରିବାରରେ ଏବଂ ସମାଜରେ ଏକାଧିକ ପାର୍ଟି ଆୟୋଜନ କରାଯାଉଛି । ପାର୍ଟିକୁ ଯିବା ପାଇଁ ବଜାରରେ ପୂର୍ବରୁ ସ୍ୱତନ୍ତ୍ର ଧରଣର ପୋଷାକ ଓ ଶାଢ଼ି (ପାର୍ଟିଓୟାର) ଉପଲବ୍ଧ ହେଉଛି । ବିଶେଷକରି ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାରର କୁର୍ତ୍ତି, ଗାଉନ୍, ଟ୍ରାଉଜର ସେଟ୍, ଜିନ୍ସ, ଡେନିମ୍, ଶାଢ଼ି, ଟପ୍ସ, ମିଡି ଆଦି ମିଳୁଛି । ନିର୍ବନ୍ଧ, ବାହାଘର, ସଂଗୀତ କାର୍ଯ୍ୟକ୍ରମ କିମ୍ବା ସଭା ସମିତିରେ ଏସବୁ ପୋଷାକ ଓ ଶାଢ଼ି ମହିଳାମାନେ ସ୍ୱତନ୍ତ୍ର ଭାବେ ପିନ୍ଧୁଛନ୍ତି । ବଜାରରେ ମଧ ଭଳିକି ଭଳି ଡିଜାଇନ୍, ଲୁକ୍, ଫେସନ୍‌ର ପୋଷାକ ଓ ଶାଢ଼ି ସ୍ୱତନ୍ତ୍ର ଭାବେ ମିଳିଯାଉଛି । ରାଜଧାନୀର ବଡ଼ ବଡ଼ ସୋରୁ'ମ୍‌ରେ ପାର୍ଟିଓୟାର କଲେକ୍ସନ ମଧ ଉପଲବ୍ଧ କରାଗଲାଣି ।

ଗାଉନ୍ ଚାହିଦା ଅଧିକ

ବିଶେଷକରି ମହିଳାଙ୍କ ପାର୍ଟିଓୟାରକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି । ସେଥିରୁ ଗୋଟିଏ ଏଥନିକ୍ କଲେକ୍ସନ ହୋଇଥିବାବେଳେ ଅନ୍ୟଟି ୱେଷ୍ଟର୍ଣ୍ଣ ବା ପାଶ୍ଚାତ୍ୟ କଲେକ୍ସନ । ଏଥିନିକ୍ କଲେକ୍ସନରେ ଡ୍ରେସ ପିନ୍ଧିବାକୁ ଭଲ ପାଉଥିବା ମହିଳାଙ୍କ ପାଇଁ ପ୍ଲାଜୋ ସାରାରା, ଟ୍ରାଉଜର ସେଟ୍ସ, ଗାଉନ୍, ସ୍କର୍ଟ ଟପ୍, ଲଙ୍ଗ୍ କୁର୍ତ୍ତି, ସର୍ଟ କୁର୍ତ୍ତିର ଚାହିଦା ଅଧିକ ରହିଛି । ପଣ୍ଡା ଲାଇଫ୍ ଷ୍ଟାଇଲ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ପୂର୍ବରୁ ବାହାଘର ଓ ନିର୍ବନ୍ଧ ପାଇଁ ଝିଅମାନେ ଲେହେଙ୍ଗା ନେଉଥିବାବେଳେ ଏବେ ଗାଉନ୍ ଅଧିକ ମାତ୍ରାରେ ନେଉଛନ୍ତି । ମୁଖ୍ୟତଃ ନିର୍ବନ୍ଧରେ ଝିଅମାନେ ଗାଉନ୍ ପିନ୍ଧୁଛନ୍ତି ବୋଲି ସେ କୁହନ୍ତି । ଗାଉନ୍‌ର ଦାମ୍ ୪ ହଜାର ଟଙ୍କାରୁ ଆରମ୍ଭ ହୋଇଛି । ସେହିଭଳି ଟ୍ରାଉଜର ସେଟ୍ ?ର ସର୍ବନିମ୍ନ ମୂଲ୍ୟ ୨୫୦୦ ଟଙ୍କା, ସ୍କର୍ଟ୍ ଟପ୍‌ର ସର୍ବନିମ୍ନ ମୂଲ୍ୟ ୩ ହଜାର ଟଙ୍କା ରହିଛି । ସେହିଭଳି ଲଙ୍ଗ୍ କୁର୍ତ୍ତିର ମୂଲ୍ୟ ୫ ହଜାର ଟଙ୍କାରୁ ଓ ସର୍ଟ କୁର୍ତ୍ତିର ମୂଲ୍ୟ ୧୫୦୦ ଟଙ୍କାରୁ ଆରମ୍ଭ ହୋଇଛି । ବିଭିନ୍ନ ସୋ'ରୁମ୍‌ରେ ଏହାର ସର୍ବନିମ୍ନ ଓ ସର୍ବାଧିକ ମୂଲ୍ୟ ଅବଶ୍ୟ ଭିନ୍ନ ଭିନ୍ନ ରହିଛି ।

କାରୁକାର୍ଯ୍ୟ ଖଚିତ ଶାଢ଼ି

ପାର୍ଟିରେ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାମାନେ ଏବେ ସେଲିବ୍ରେସନ୍ ଲୁକ୍ ଦେଉଥିବା ଷ୍ଟାଇଲିସ୍, ଏକ୍ସକ୍ଲୁସିଭ କଲର କମ୍ବିନେସନ ଥିବା ଡିଜାଇନର ଶାଢ଼ି ଅଧିକ ମାତ୍ରାରେ କିଣୁଛନ୍ତି । ଏସବୁ ଶାଢ଼ି ପାଖାପାଖି ଅଢ଼େଇ ହଜାରରୁ ୩ ହଜାର ଟଙ୍କା ମଧରେ ମଧ ମିଳିଯାଉଛି । ବିଶେଷକରି ଶାଢ଼ିର କାରୁକାର୍ଯ୍ୟ ଉପରେ ଦର ନିର୍ଭର କରିଥାଏ । ଭୁବନେଶ୍ୱରରେ ଏବେ ସାରାସ୍ ୱାର୍କ, ପାର୍ସି ୱାର୍କ, ଷ୍ଟୋନ୍ ୱାର୍କ ଏବଂ ଥ୍ରେଡ୍ ୱାର୍କ ହୋଇଥିବା ଶାଢ଼ିକୁ ମହିଳାମାନେ ପାର୍ଟିରେ ପିନ୍ଧିବାକୁ ଭଲ ପାଉଛନ୍ତି । ତେଣୁ ଏସବୁ ଡିଜାଇନ ଓ ଷ୍ଟାଇଲ୍‌ର ଶାଢ଼ି ସୋ'ରୁମ୍ ଗୁଡ଼ିକରେ ଉପଲବ୍ଧ କରାଯାଇଛି ।

ପାଶ୍ଚାତ୍ୟ ପୋଷାକ

କମ୍ ବୟସର ଝିଅ ବା କିଶୋରୀଙ୍କ ମଧରେ ମିଡି ବା ସର୍ଟ ଫ୍ରକ୍‌ର ଚାହିଦା ଅଧିକ । ଏଥସହିତ ଫେସନଯୁକ୍ତ ଟପ୍ସ ମଧ କିଶୋରୀମାନେ କିଣୁଛନ୍ତି । କିଛି କିଶୋରୀ ଓ ଝିଅ ମଧ ଜିନ୍ସ ପୋଷାକକୁ ପାର୍ଟିଓୟାର ଭାବେ ଚୟନ କରୁଛନ୍ତି । ଜିନ୍ସରେ କ୍ରପ୍ ଜିନ୍ସ, ୪ଟା ବଟମ୍ ଥିବା ଜିନ୍ସ, ଡେନିମ୍‌ରେ ବୁଟ୍ କଟ୍ ଆଦି ଡିଜାଇନର ଚାହିଦା ଅଧିକ ରହିଛି । ଫୋକସ୍, ଡିଲ୍ ଓ ଚ୍ୟାନେଲ୍ ଏଫ୍ ଭଳି ବ୍ରାଣ୍ଡ୍ ବଜାରରେ ଉପଲବ୍ଧ ହେଉଛି । ଏସବୁ ଜିନ୍ସ ପ୍ୟାଣ୍ଟ ୯୯୯ ଟଙ୍କାରୁ ଆରମ୍ଭ ହେଉଛି ।

ଘରେ ରଖନ୍ତୁ ଫେଙ୍ଗସୁଇ ଗାଈ: ମିଳିବ ଅନେକ ଫାଇଦା

ଚାଇନିଜ୍ ବାସ୍ତୁଶାସ୍ତ୍ର ଫେଙ୍ଗସୁଇରେ ଏପରି ଅନେକ ଜିନିଷ ରହିଛି ଯାହାକୁ ଘରେ ଓ ଦୋକାନରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ । ଘରୁ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଓ ସକରାତ୍ମକ ଶକ୍ତିର ପ୍ରବାହକୁ ବଢ଼ାଇବା ପାଇଁ ଗାଈ ଶୁଭ ବୋଲି କୁହାଯାଏ । ହିନ୍ଦୁ ଧର୍ମରେ ଗାଈର ମହତ୍ତ୍ୱ ଯେପରି, ଫେଙ୍ଗସୁଇରେ ମଧ ଠିକ୍ ସେହିପରି । ଆସନ୍ତୁ ଜାଣିବା ଫେଙ୍ଗସୁଇର ଗାଈ ଘରେ ରଖିଲେ କ'ଣ ଫଳ ମିଳେ ।

୧) ଫେଙ୍ଗସୁଇ ଅନୁଯାୟୀ, ଗାଈର ପ୍ରତୀକ ଅଫିସ୍ କିମ୍ବା ଘରେ ସ୍ଥାପିତ କଲେ ଅତ୍ୟନ୍ତ ଶୁଭଫଳ ପ୍ରାପ୍ତ ହୁଏ । ପରିବାରର ସଦସ୍ୟଙ୍କୁ ସୌଭାଗ୍ୟ ପ୍ରାପ୍ତି ହୁଏ ।

୨) ବାଛୁରୀକୁ କ୍ଷୀର ପିଆଉଥିବା ଗାଈର ପ୍ରତୀକ ରଖିଲେ ଆପଣଙ୍କୁ ଯୋଗ୍ୟ ସନ୍ତାନ ପ୍ରାପ୍ତି ହେବ । ଏଥିସହ ଆପଣଙ୍କ ସନ୍ତାନକୁ କେବେ ହେଲେ ଧନଭାବ ହେବନାହିଁ ।

୩) ଯଦି ପିଲାଙ୍କର ପାଠପଢ଼ାରେ ମନ ଲାଗୁ ନାହିଁ, ତେବେ ପିଲାଙ୍କ ଷ୍ଟଡି ଟେବୁଲ୍‌ରେ ଏହି ଗାଈକୁ ରଖନ୍ତୁ । ଏହାଦ୍ୱାରା ସେମାନଙ୍କର ପାଠ ପ୍ରତି ଏକାଗ୍ରତା ବଢ଼ିବ ।

୪) ଫେଙ୍ଗସୁଇ ଗାଈକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଆପଣଙ୍କ କଠିନ ସମୟରେ ଆପଣଙ୍କୁ ସାହସ ମିଳିଥାଏ । ଏହା ଆପଣଙ୍କ ଆତ୍ମବିଶ୍ୱାସକୁ କେବେ କମ୍ ହେବାକୁ ଦେଇନଥାଏ ।

୫) ଫେଙ୍ଗସୁଇ ଗାଈକୁ ଘରେ ରଖିବାଦ୍ୱାରା ଘରେ କେବେହେଲେ କୌଣସି ପ୍ରକାରର ଅଭାବ ଅନଟନ ଦେଖାଯାଏ ନାହିଁ । ବିଶେଷ କରି କଏନ୍ ଗଦି ଉପରେ ବସିଥିବା ଗାଈ ରଖିଲେ ଘରେ ଧନବୃଦ୍ଧି ହୋଇଥାଏ ।

୧୭୪୬ଟି ସ୍ଥାନରେ ବନାଗ୍ନି, ୨୦୦ ଟପିଲା ବଡ଼ଧରଣର ଜଙ୍ଗଲ ନିଆଁ

କୋରାପୁଟ, ବ୍ରହ୍ମପୁର, ସମ୍ବଲପୁର ସର୍କଲ ଚିନ୍ତାଜନକ

ଭୁବନେଶ୍ୱର , ୧୪/୦୩ (ନି.ପ୍ର): କେଉଁଠି ୭ଦିନ ହେଲା ଜଙ୍ଗଲ ଜଳୁଛି ତ ଆଉ କେଉଁଠି ୪ଦିନ। ଶିମିଳିପାଳରୁ ଚନ୍ଦକା-ଡମପଡ଼ା ହେଉ ଅଥବା ସୁନାବେଡ଼ାରୁ ଦଶପଲ୍ଲା। ସବୁଠି ଏବେ ସମାନ ଚିତ୍ର। ଗୋଟିଏ ଗୋଟିଏ ରେଞ୍ଜର ୫ରୁ ୭ଟି ସ୍ଥାନରେ ନିଆଁ ଲାଗିଛି। ପ୍ରତିଦିନ ଗୋଟିଏ ପରେ ଗୋଟିଏ ନୂଆ ବନଖଣ୍ଡ ନିଆଁର ଆଁ ଭିତରକୁ ପ୍ରବେଶ କରୁଥିଲେ ମଧ୍ୟ ବନ ବିଭାଗର ସମସ୍ତ ଉଦ୍ୟମ ଫେଲ୍ ମାରିଛି। ଏପର୍ଯ୍ୟନ୍ତ ଆୟତ୍ତକୁ ଆସିପାରୁନି ରାଜ୍ୟର ଜଙ୍ଗଲ ନିଆଁ। ଯେତେବେଳେ କି ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ପରି ରାଜ୍ୟ ବନାଗ୍ନି ଆୟତ୍ତ କରିବା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି। ରବିବାର ମଧ୍ୟାହ୍ନରେ ଓଡ଼ିଶାର ୧୫୩ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ଚିହ୍ନଟ ହୋଇଥିଲା, ଯାହାକି ଆଜି ମଧ୍ୟାହ୍ନରେ ୨୦୨ରେ ପହଞ୍ଚିଛି। ଚଳିତବର୍ଷ ପ୍ରଥମ ଥର ଲାଗି ଓଡ଼ିଶାରେ ଏଭଳି ସ୍ଥିତି ଉପୁଜିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ) ପକ୍ଷରୁ କୁହାଯାଇଛି। କାରଣ ଗତ ନଭେମ୍ବରରୁ ଏପର୍ଯ୍ୟନ୍ତ କେବେ ବି ବଡ଼ଧରଣ ବନାଗ୍ନି ସଂଖ୍ୟା ୨୦୦ ଛୁଇଁ ନ ଥିଲା।

ଆହୁରି ଚିନ୍ତାର ବିଷୟ ହେଉଛି ଯେ ମୋଟ ଜଙ୍ଗଲ ନିଆଁ ନିୟନ୍ତ୍ରଣକୁ ଆସିପାରୁ ନାହିଁ। ଗତକାଲି ୧୮୪୦ଟି ସ୍ଥାନରେ ଜଙ୍ଗଲ ଜଳୁଥିଲା। ଆଜି ତାହା ସାମାନ୍ୟ ହ୍ରାସ ପାଇ ୧୭୪୬ରେ ପହଞ୍ଚିଛି ସତ। ମାତ୍ର ନୂଆ ନୂଆ ଅଞ୍ଚଳକୁ ନିଆଁ ବ୍ୟାପିବା ଦ୍ୱାରା ବନ କର୍ମଚାରୀ ବି ହାତ ଟେକି ଦେଲେଣି। ଲଗାତାର ୧୨ ଦିନ ହେଲା କର୍ମଚାରୀମାନେ ନିଆଁ ଲିଭାଉଛନ୍ତି। ସେମାନଙ୍କୁ ଟିକିଏ ବି ନିସ୍ତାର ମିଳୁନାହିଁ। ଗୋଟିଏ ପଟେ କର୍ମଚାରୀ ଅଭାବ ଆଉ ଅନ୍ୟପଟେ ଜଙ୍ଗଲ ନିଆଁ ବଢ଼ିବା ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କେତେକ ବନଖଣ୍ଡରେ କର୍ମଚାରୀମାନେ ୧୨ରୁ ୧୪ ଘଣ୍ଟା ଧରି ପରିଶ୍ରମ କରୁଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହେଉ ନାହାନ୍ତି। ପରିଣାମ ସ୍ୱରୂପ ଗତ ୭ଦିନରେ ରାଜ୍ୟରେ ବଡ଼ଧରଣ ବନାଗ୍ନି ସଂଖ୍ୟା ୬୫୬ରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଛତିଶଗଡ଼ରେ ମାତ୍ର ୨୪୧, କର୍ଣ୍ଣାଟକରେ ୨୨୭, ମଣିପୁରରେ ୨୧୭, ମିଜୋରାମରେ ୨୧୬ଟି ବଡ଼ଧରଣର ବନାଗ୍ନି ସଙ୍ଗଠିତ ହୋଇଛି। ନଭେମ୍ବରରୁ ଏପର୍ଯ୍ୟନ୍ତ ଦେଶରେ ୬୬୧୩ଟି ବଡ଼ଧରଣର ବନାଗ୍ନି ହୋଇଥିବା ବେଳେ ସେଥିରୁ କେବଳ ଓଡ଼ିଶାର ୧୧୪୩ଟି ରହିଛି। ସେହିପରି ନଭେମ୍ବରରୁ ଏପର୍ଯ୍ୟନ୍ତ ଓଡ଼ିଶାର ୧୭ ହଜାର ୮୭୦ଟି ସ୍ଥାନରେ ଛୋଟ ବଡ଼ ବନାଗ୍ନି ହୋଇଥିବା ବେଳେ ସେଥିରୁ ଗତ ୭ଦିନରେ କେବଳ ୭୯୪୨ଟି ଚିହ୍ନଟ କରାଯାଇଛି। କୋରାପୁଟ, ବ୍ରହ୍ମପୁର, ସମ୍ବଲପୁର ସର୍କଲ ସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଛି।

ବନାଗ୍ନି ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲେ ମଧ୍ୟ ରାଜ୍ୟ ସରକାର ନିଆଁ ଲିଭାଇବାକୁ ସେଭଳି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ପାଖାପାଖି ମାସେ ହେଲା ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳିବା ପରେ ଆଜି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଯେଉଁଥିରେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ସହ ସଚେତନତା ଲାଗି ବିଭିନ୍ନ ବର୍ଗକୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ଆଜିର ଦିନରେ ୧୭୪୬ଟି ସ୍ଥାନରେ ଜଙ୍ଗଲ ଜଳୁଥିଲେ ମଧ୍ୟ ତାହା କିଭଳି ପ୍ରଶମିତ ହେବ ସେନେଇ ବୈଠକରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ବରଂ ପୁଣି ଲୋକଙ୍କୁ ସଚେତନତା କରିବା କଥା କହି ମୁଣ୍ଡରୁ ଦୋଷ ଖସାଇବାକୁ ଅଧିକାରୀମାନେ ଉଦ୍ୟମ କରିଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବନାଗ୍ନିକୁ ରୋକିବା ପାଇଁ ପ୍ରଶାସନିକ ଓ ଗୋଷ୍ଠୀ ସହଯୋଗିତାକୁ ବ୍ୟାପକ କରାଯିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ବନାଗ୍ନି ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କୁ ସୂଚନା ଦେବା ଓ ନିୟନ୍ତ୍ରଣରେ ସହଯୋଗ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ସ୍ଥାନୀୟ ଜନ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ କର୍ମୀମାନଙ୍କୁ ସାମିଲ କରାଯିବ। ଜଙ୍ଗଲରେ ନିଆଁ ଲଗାଉଥିବା ଖଳ ପ୍ରକୃତିର ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜୁନ ମାସ ପର୍ଯ୍ୟନ୍ତ ବନାଗ୍ନି ଭୟ ରହିଥିବାରୁ ଅନୁଧ୍ୟାନ ପ୍ରକ୍ରିୟାକୁ ତୃଣମୂଳ ସ୍ତରରୁ ଦୃଢ଼ କରିବାକୁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀ ଓ ଅଭିଯାନରେ ସାମିଲ ଥିବା ବ୍ୟକ୍ତିଙ୍କୁ ଆବଶ୍ୟକୀୟ ଉପକରଣ ଯୋଗାଇବା ସହ ସେମାନଙ୍କୁ ଅଧିକ ସଂଖ୍ୟକ ନିଆଁଲିଭା ଯନ୍ତ୍ର ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜଙ୍ଗଲ ନିଆଁ ନେଇ ପିସିସିଏଫ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ଯେ ଜଙ୍ଗଲି ଜନ୍ତୁଙ୍କ ଶିକାର ପାଇଁ ଶିକାରୀମା ?ନେ ନିଆଁ ଲଗାଉଛନ୍ତି। ଗତକାଲି କନ୍ଧମାଳ ଜିଲ୍ଲାରେ ନିଆଁ ଲଗାଇବା ବେଳେ ଜଣେ ଶିକାରୀ ଧରା ପଡ଼ିଛି। ନିଆଁ ରୋକିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି। ନିଆଁ ଲାଗିବା କ୍ଷଣି ବନ କର୍ମଚାରୀଙ୍କ ମୋବାଇଲକୁ ମେସେଜ ଆସୁଛି ଏବଂ ନିଆଁ ଲିଭିବା ପରେ ଫଟୋ ଉଠାଇ ଅପଲୋଡ କରାଯାଉଛି। ନିଆଁ ଲଗାଉଥିବା ବେଳେ ଧରାପଡ଼ିଲେ ମାମଲା କରାଯିବା ସହ କାର୍ଯ୍ୟାନୁଷ୍ଠାନ ହେଉଛି। ବନାଗ୍ନି ସମ୍ପର୍କରେ ଖବର ଦେଲେ ୫ରୁ ୧୦ ହଜାର ପର୍ଯ୍ୟନ୍ତ ପୁରସ୍କାରର ବ୍ୟବସ୍ଥା ହୋଇଛି।

ସାହାପୁର ଦୋଳ ମେଳଣ ଉଦ୍‌ଯାପିତ

କୋରେଇ, ୧୪/୦୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସାହାପୁର ହାଟ ପଡିଆରେ ୩୮ ତମ ଦୋଳ ମେଳଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । ରବିବାର ମଧ୍ୟରାତ୍ରରୁ ଆରମ୍ଭ ଏହି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ୧୮ଟିରୁ ଉର୍ଦ୍ଧ୍ୱ ଦୋଳ ବିମାନ ସାମିଲ ହୋଇ ସେମାନଙ୍କ କାର୍ଯ୍ୟକ୍ରମ ନାମ ସଙ୍କୀର୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ମହାବୀର ଆଂଚଳିକ ଯୁବକ ସଙ୍ଘ ଆନୁକୂଲ୍ୟରେ ସ୍ଥାନୀୟ ଅଂଚଳରେ ଭାଇଚାରର ସୁସମ୍ପର୍କ ବଜାୟ ରଖିବାର ପ୍ରୟାସ କରାଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ଦୋଳ ବିମାନ ଗୁଡିକ ଯଥା ୨ ଥାନପତି, ଗୋପିନାଥ ଜୀଉ ବାଲିପାଟଣା, ବୃନ୍ଦାବନ ଜୀଉ ହରିପୁର, ଗୋପିନାଥ ଜୀଉ (ଡିଅସାହି), ମହାରଣା ସାହି, ମଧୁବନ ମିର୍ଜାପୁର, ଜହଳ, ଚକା ଗୋପାଳପୁର, ପାଂଚ ଗୋଛିଆ, ମଲପଡା, ନୂଆ ମିର୍ଜାପୁର, ମଲପଡା ଶାସନ, କେଶର ପଡା, ପାଟଣା ସାହି, ଗୋବିନ୍ଦ ପାଟଣା, ମନ୍ଦାରପୁର, ହରିପୁର ଆଦି ସ୍ଥାନରୁ ବିମାନ ଗୁଡିକ ଆସିଥିଲା । ସମସ୍ତ ବିମାନ ଗୁଡି ହାଟ ପଡିଆରେ ଏକତ୍ରୀତ ହେବା ପରେ ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅତିଥି ଭାବେ ପାଣିକୋଇଲି ଥାଧିକାରୀ ଚିନ୍ମୟୀ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇ ବିମାନ ଗୁଡିକ ବୁଲି ଭୋଗଲାଗି କରିବା ପରେ ବିଦା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବୀର ଆଂଚଳିକ ଯୁବକ ସଙ୍ଘର ସଭାପତି ସନ୍ତୋଷ କୁମାର ସାହୁ, ପ୍ରଦୀପ୍ତ ମହାନ୍ତି, ମନୋ ବିଜ୍ଞାନ ପୃଷ୍ଟି, ଆଦ୍ୟ ପଟ୍ଟନାୟକ, ବିଳାସ ବେହେରା, ତପନ ଦଳାଇ, ରମେଶ ରାଉତ, ଦେବାଶିଷ ଦାସ, ସୌମ୍ୟ ରଂଜନ ମଙ୍ଗରାଜ, ରାକେଶ ଖବଲାର, ମନୋଜ ଖିଲାର, ନିତୀନ ପଟ୍ଟନାୟକ, ଗୋଲକ ମହାନ୍ତି, ଦୀପକ ସାହୁ, ପ୍ରଭାସ ମହାନ୍ତି , ଜଗନ୍ନାଥ ପଣ୍ଡା, ସପନ ଦଳାଇ ଙ୍କ ସମତେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର, ୧୪/୦୩ (ନି.ପ୍ର):ମାଲପଡା ନାଗରିକ କମିଟିର ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମାଲପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷତଃ ମାଲପଡାର ରାସ୍ତା ଗୁଡିକ ବହୁ ଦିନରୁ ମରାମତି ହେଉନଥିବାରୁ ଖାଲଖମାରେ ଭର୍ତି ହୋଇଅଛି ଓ ଲୋକେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏଣୁ ଏହି ରାସ୍ତା ଗୁଡିକ ଶିଘ୍ର ମରାମତି କରିବା ପାଇଁ ପୌରପାଳିକାକୁ ପତ୍ରାଳାପ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହା ବ୍ୟତିତ ମାଲପଡାର ନାଳନର୍ଦ୍ଦମା ଗୁଡିକ ମାସ ମାସ ଧରି ସଫା କରାଯାଉନଥିବାରୁ ଏଠାରେ ମଶାର ପ୍ରାର୍ଦୁଭାବ ବୃଦ୍ଧି ପାଉଅଛି ଓ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏଣୁ ନାଳ ନର୍ଦ୍ଦମାରେ ମଶା ତେଲ ଦେଇ ସଫା କରିବା ପାଇଁ ପୌରପାଳିକାର ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହା ବ୍ୟତିତ ମାଲପଡାରେ ଲୋକଙ୍କ ଚିତ ବିନୋଦନ ପାଇଁ ପାର୍କ ନ ଥିବାରୁ ଶିଘ୍ର ଏକ ପାର୍କ ନିର୍ମାଣ କରାଯିବା ପାଇଁ ପୌରପାଳିକା ଏଥିରେ ଶିଘ୍ର ବିହିତ ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଉକ୍ତ ଆଲୋଚନାରେ ଭବାନି ଶଙ୍କର ଶତପଥି, ପ୍ରଫେସର ତରୁଣ କୁମାର ମିଶ୍ର, ଉପ-ସଭାପତି ଗୋପବନ୍ଧୁ ପୁରୋହିତ, ସଂପାଦକ ପଂଚାନନ ସେଠ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ବାସୁଦେବ ନାଗ, ଅଶୋକ କୁମାର ଚାନ୍ଦ, ଦେବଜ୍ୟୋତି ଯୋଷୀ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ ।

କୁମୁଲିପୁଟଠାରେ ଚାଷୀଙ୍କ ବୈଠକ

ଜୟପୁର, ୧୪/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ହାଟପଦା ଠାରେ ଚାଷି ଙ୍କ ବୈଠକ ଅନୁଷ୍ଠିତ ହୋଇଛି । କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍କି ରାଓଙ୍କ ନେତୃତ୍ୱରେ ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉମୁରି ଲ୍ୟାମ୍ପ ଓ କୁମୁଲିପୁଟ ଲ୍ୟାମ୍ପ ସଭାପତି ମିଳିତ ଭାବେ ଅଭିଯୋଗ କରିଛନ୍ତି ଯେ ଏହି ଲ୍ୟାମ୍ପର ଚାଷି ମାନଙ୍କ ନାମ ଗତ ଖରିଫ ଋତୁରେ ରେଜିଷ୍ଟେସନ ହୋଇଥିଲା ।

ପରବର୍ତୀ ସମୟରେ ବହୁ ଚାଷୀଙ୍କ ଜମି ରେଜିଷ୍ଟେସନରୁ ନାମ ଏବଂ ଜମି କଟିଯାଇଥିଲା । ଯଦ୍ୱାରା ଚାଷୀମାନେ ମଣ୍ଡି ରେ ଧାନ ବିକ୍ରି କରିପାରି ଲେ ନାହିଁ ପ୍ରକାଶ ଥାଉକି ଯେଉଁ ଚାଷି ମାନଙ୍କ ଜମି ଚାଷୀ ରେଜିଷ୍ଟେସନରୁ କଟି ଯାଇଥିଲା । ସେହି ଜମି ଗୁଡିକ ଡଙ୍ଗର ୧.୨.୩ କିସମ କେନାଲ ତଳେ ଥାଇ ମଧ୍ୟ ଧାନ ଚାଷି ଙ୍କ ଧାନ ଥାଇ ବି ମଣ୍ଡିରେ ବିକ୍ରି ହୋଇ ନଥିଲା । ଏପରିକି କେତେକ କ୍ଷେତ୍ର ରେ ଜଳ କର ମଧ୍ୟ ଦିଆଯାଉଛି । ତେଣୁ ପ୍ରଶାସନ କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଧାନ ଜମିର ସତ୍ୱ ପରିବର୍ତନ କରି ଆସନ୍ତା ରବି ମଣ୍ଡିରେ ଅନୁମତି ପ୍ରଦାନ କରିବା ଏବଂ କେନାଲ ତଳେ ଥିବା ଡଙ୍ଗର ଜମିକୁ ଧାନ ଜମିର ସତ୍ୱ ପରବିର୍ତନ ସକାଶେ ପଦେକ୍ଷପ ନେଇ ପ୍ରଶାସନ ନିକଟରେ ଦାବି କରିବାକୁ ନିଷ୍ପତି ହୋଇଛି ।

ପେସା ଆଇନ କାହିଁକି ଲାଗୁ ହେଉନି : ବିରୋଧୀ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟରେ ମୋଟ୍ ଜନସଂଖ୍ୟାର ୨୨.୮୫% ଜନଜାତି ଥିବାବେଳେ ସେମାନେ ରାଜ୍ୟର ୪୫% ଅଞ୍ଚଳରେ ବାସ କରୁଛନ୍ତି। ୧୩ଟି ଜିଲ୍ଲାର ୧୧୯ଟି ବ୍ଲକରେ ଆଦିବାସୀ ରହୁଥିବାବେଳେ ସେମାନେ ୭୪ ପ୍ରକାରର ଉପଭାଷାରେ କଥା ହେଉଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କର ଯେପରି ବିକାଶ ହେବା କଥା ହେଉନାହିଁ। ଓଡ଼ିଶାରେ କାହିଁକି ପେସା ଆଇନ ଲାଗୁ ହୋଇପାରୁନି। ସେମାନଙ୍କ ଜମି କାହିଁକି ଜୋରଜବରଦସ୍ତ ନିଆଯାଉଛି ? ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକ କାହିଁକି ବସୁନି ? ଆଶ୍ରମ ସ୍କୁଲରେ ପିଲାଙ୍କୁ କାହିଁକି ଭଲ ଖାଇବାକୁ ଦିଆଯାଉନି ? ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି ? ଆଦିବାସୀମାନେ କେତେଦିନ ଅବହେଳିତ ହୋଇ ରହିଥିବେ ? ଆଜି ଏହିଭଳି ଭାବେ ବିରୋଧୀ ଦଳର ବିଧାୟକମାନେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବଜେଟ୍‌ର ଖର୍ଚ୍ଚ ଦାବି ଆଲୋଚନାବେଳେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଏହାସହ ଉଭୟ ବିଜେପି ଓ କଂଗ୍ରେସ ବିଭାଗର ଖର୍ଚ୍ଚ ଦାବି ଆଲୋଚନାକୁ ବିରୋଧ କରି ଗୃହ ତ୍ୟାଗ କରିଥିଲେ। ବିଜେପି ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ରାଜ୍ୟରେ ପେସା ଆଇନ ଲାଗୁ ହେଉନଥିବାରୁ ଆଦିବାସୀଙ୍କ ଗ୍ରାମସଭାକୁ କ୍ଷମତା ଦିଆଯାଉନି। ଜୋ?ଜବରଦସ୍ତ ସେମାନଙ୍କ ଜମି ଛଡ଼ାଇ ନିଆଯାଉଛି। ସରକାରୀ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରାଯାଉଛି, ସେମାନଙ୍କ ପାଇଁ ଆସୁଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଉଛି। କେନ୍ଦ୍ର ସରକାର ଓଡ଼ିଶା ପାଇଁ ୭୮ଟି ଏକଲବ୍ୟ ସ୍କୁଲ ମଞ୍ଜୁର କରିଥିଲେ ବି ରାଜ୍ୟ ସରକାର ଏପର୍ଯ୍ୟନ୍ତ କେବଳ ୪୫ଟିର ଶିଳାନ୍ୟାସ କରିଛନ୍ତି। ଜମି ଯୋଗାଉନାହାନ୍ତି। ରାଜ୍ୟ ସରକାରଙ୍କ ଅସହଯୋଗ କାରଣରୁ ଆଦିବାସୀମାନଙ୍କ ଉନ୍ନତି ହୋଇପାରୁନି। ଗଣେଶ ରାମସିଂହ ଖୁଣ୍ଟିଆ କହିଥିଲେ ଯେ, ଆଶ୍ରମ ସ୍କୁଲରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରାଯାଉଛି କି ? ସେମାନଙ୍କୁ କେବଳ ଭାତ ଓ ପାଣି ଡାଲି ଦିଆଯାଉଛି। ବିଧାୟକ ସନାତନ ବିଜୁଳି କହିଥିଲେ ଯେ, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଉନି। ଯେତିକି ଲୋକଙ୍କୁ ପଟ୍ଟା ଦିଆଯାଇଛି ସେଥିରେ ଭୁଲ୍ ଥିବାରୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି। ବିଧାୟକ ସୁରଜ ସୂର୍ଯ୍ୟବଂଶୀ କହିଥିଲେ, ଭଦ୍ରକ ପୌରାଞ୍ଚଳରେ ୪୦% ମୁସଲିମ୍ ବାସ କରୁଥିବାବେଳେ, ଧାମନଗର ନିର୍ବାଚନ ମଣ୍ଡଳୀରେ ୪୬% ବାସ କରୁଛନ୍ତି। ଭଦ୍ରକରେ କେବଳ ୨.୫ଲକ୍ଷ ମୁସଲିମ୍ ଅଛନ୍ତି। ତେଣୁ ଭଦ୍ରକରେ ମେଡିକାଲ କଲେଜ ନହେବା ସଂଖ୍ୟାଲଘୁଙ୍କ ପ୍ରତି ଏକ ଅବହେଳା। କେନ୍ଦ୍ର ସରକାର ୬୦% , ରାଜ୍ୟ ସରକାର ୪୦% ଅନୁଦାନ ଦେବେ ବୋଲି ପୂର୍ବରୁ କୁହାଯାଇଛି। ତେଣୁ ମୁଁ ଅନୁରୋଧ କରୁଛି ଯେ, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୋ ବିଧାୟକ ପାଣ୍ଠିରୁ ସମସ୍ତ ଅନୁଦାନକୁ ରାଜ୍ୟ ସରକାରଙ୍କ ଅନୁଦାନ ଭାବେ ଦିଆଯାଉ। ସେହିପରି କଂଗ୍ରେସ ବିଧାୟକ ମହମ୍ମଦ ମୋକ୍ଲିମ୍ କହିଥିଲେ ଯେ, ଆଦିବାସୀ ସ୍କୁଲରେ ବହୁ ସ୍ଥାନରେ +୨ ପଢ଼ିବା ସୁଯୋଗ ନାହିଁ। ପିଲାଙ୍କୁ ଉଚ୍ଚଶିକ୍ଷା ମିଳୁନଥିବାରୁ ସେମାନେ ବେକାର ହୋଇ ବୁଲୁଛନ୍ତି। ୱାକଫ୍ ବୋର୍ଡ ଠିକ୍ ଭାବେ କାର୍ଯ୍ୟ କରୁନି, ହଜ୍ କମିଟି ଗଠନ ହେଉନି, ଉର୍ଦ୍ଦୁ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦିଆଯାଉନଥିବାରୁ ବହୁ ସ୍କୁଲରେ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି। ସରକାର ଏ ଦିଗରେ ଚିନ୍ତା କରିବା ଦରକାର। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ରାଜ୍ୟ ସରକାର ଗୃହକୁ ଜଣାଇବା ଦରକାର କେତେ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ, ମେଡିକାଲ କଲେଜରେ ଏସ୍‌ସି, ଏସ୍‌ଟି, ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଛି। ଖାଲି ସ୍ନାତକ ଡିଗ୍ରି ହାସଲ କରିଦେଲେ ସେମାନଙ୍କର ଉନ୍ନତି ହେବନି। ବିଧାୟକ ସିଏସ୍ ରାଜେନ ଏକ୍କା କହିଥିଲେ, ପେସା ଆଇନକୁ ବହୁତ ରାଜ୍ୟ ଗ୍ରହଣ କରିଥିବାବେଳେ ରାଜ୍ୟ ସରକାର କାହିଁକି ଏହାକୁ ଲାଗୁ କରୁନାହାନ୍ତି। ଆଦିବାସୀ ଲୋକଙ୍କର ସର୍ବନିମ୍ନ ୫ଏକର ଜମିଥିଲେ ସେମାନେ ଜମି ବିକିପାରିବା ନିୟମ କାହିଁକି କଡ଼ାକଡ଼ି କରାଯାଉନି। ମୁଖ୍ୟମନ୍ତ୍ରୀ ଆଦିବାସୀ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷ ଥିଲେ ହେଁ ଏହି ପରିଷଦର ବୈଠକ ଥରୁଟିଏ ବି ବସିନି। ତେଣୁ ରାଜ୍

ରୂପସା ଓ ବସ୍ତା ରେ ଟ୍ରେନରେ କଟି ୨ ମୃତ

ବସ୍ତା, ୧୪/୦୩ (ନି.ପ୍ର): ପୃଥକ ଭାବେ ଦୁଇଟି ସ୍ଥାନରେ ଟ୍ରେନରେ କଟି ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ।ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମଙ୍ଗଳବାର ରୂପସା। ଷ୍ଟେସନ ଓ ବସ୍ତାର ମାଛିଆ ମଠ ନିକଟରେ । ରୂପସା ଷ୍ଟେସନ ନିକଟରେ ସିଂଲା ଥାନା ଗିଲାଯୋଡି ଗ୍ରାମର ଚୈତନ୍ୟ ରାଉତଙ୍କ ପୁତ୍ର ରାକେଶ ରାଉତ (୨୨ବର୍ଷ) ଅପ ଲାଇନରେ କଟି ଯାଇଛି। ତେବେ ଏହା ଟ୍ରେନରେ କଟିଛି ନା ଆତ୍ମହତ୍ୟା ହୋଇଛି ତାହା ରେଳବାଇ ପୁଲିସ ତଦନ୍ତରୁ ଜଣାପଡିବ । ଅନ୍ୟ ଏକ ଦୃର୍ଘଟଣା ଘଟିଛି ବସ୍ତା ଷ୍ଟେସନ ନିକଟ ମାଛିଆ ମଠ ନିକଟରେ । ଟ୍ରେନ ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଯାଇଛି । ମୃତକ ଜଣଙ୍କ ହେଲେ ସ୍ଥାନୀୟ ଅଂଚଳର ବାସିନ୍ଦା ସ୍ୱର୍ଗତ କାଙ୍ଗାଳୀ ଦେହୁରୀଙ୍କ ପୁଅ ହେମନ୍ତ ଦେହୁରୀ (୩୬ବର୍ଷ)। ତେବେ ଏହି ଦୁଇ ଘଟଣାରେ ରେଳବାଇ ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ କରିବାକୁ ପଠାଇବା ସହିତ ତଦନ୍ତ କରୁଛି।

ଇଟାଭାଟି ଶ୍ରମିକର କୁନିଝିଅ ଦୁର୍ଘଟଣାଗ୍ରସ୍ତ : ଭଙ୍ଗର ହସ୍‌ପିଟାଲରେ ଚିକିତ୍ସିତ

ଜଳେଶ୍ୱର, ୧୪/୦୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକସରାଇ ପାଟଣାର ବେଲପାହାଡ ଛକ ନିକଟ ଶକ୍ତି ଇଟାଭାଟିରେ ଭେଲୋରା ଗାଁର ଜମା ମୁର୍ମୁ ପ୍ରଅତିଦିନ କାର୍ଯ୍ୟ କରି ଆସୁଛି । ଆଜି ଇଟାଭାଟିରେ କାର୍ଯ୍ୟବ୍ୟସ୍ତ ଥିବା ବେଳେ ୩ବର୍ଷର କୁନିଝିଅ ପୁଜା ମୁର୍ମୁ ନିକଟ ରାସ୍ତା କଡରେ ଖେଳୁଥିଲା । ଏକ ଅଜାଣା ବାଇକ୍ ପୂଜାକୁ ଧକ୍କା ଦେଇ ଚମ୍ପଟ ମାରିଥିବା ବେଳେ ପୂଜା ଯନ୍ତାଣାରେ ଛଟପଟ ହେଉଥିଲା । ପୂଜାର ବାପା ମଧ୍ୟ ଜଣେ ଶ୍ରମିକ ହୋଇଥିବାରୁ ଦୂରସ୍ଥାରନକୁ କାର୍ଯ୍ୟଲାଗି ଯାଇଥିବା ବେଳେ ମା ଜବାମୁର୍ମୁ ଝିଅକୁ ଧରି ଜିକେଭଙ୍ଗର ହସ୍‌ପିଟାଲରେ ପହଞ୍ଚି ଭର୍ତ୍ତି କରିଥିଲେ । ଜବାର ଗୋଡରେ କ୍ଷତ ହୋଇଥିବା ବେଳେ ମୁଣ୍ଡର ପଛପଟେ କ୍ଷତ ସୃଷ୍ଟି ହୋଇଛି । ଗୁଡିଖାଳର ଲକ୍ଷହିରା ବେହେରା ମାଓ ଝିଅକୁ ଆଣି ଭଙ୍ଗର ହସ୍‌ପିଟାଲରେ ଚିକିତ୍ସାର ବ୍ୟବସ୍ଥା କରିଛନ୍ତି ।

୧୯ ତମ ସର୍ବ ଭାରତୀୟ ପୁରୁଷ ଓ ମହିଳା ବିଏସ୍‌ଏନ୍‌ଏଲ୍ ଟେବୁଲ ଟେନିସ ପ୍ରତିଯୋଗିତା ଭୁବନେଶ୍ୱରେ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଓଡିଶା ଦୂରସଂଚାର ପରିମଣ୍ଡଳ, ଭୁବନେଶ୍ୱର ଦ୍ୱାରା ୧୫ ମାର୍ଚ୍ଚ ରୁ ୧୮ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ଭୁବନେଶ୍ୱର ଶହୀଦ ନଗର ସ୍ଥିତ ଇନଡୋର ସ୍ପୋର୍ଟ୍ କମ୍ପ୍ଲେସ ରେ ୧୯ ତମ ସର୍ବ ଭାରତୀୟ ବିଏସ୍‌ଏନ୍‌ଏଲ୍ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ କରାଯାଉଛି ଯେଉଁଥିରେ ମୋଟ ୨୧ ଗୋଟି ରାଜ୍ୟ ବିଏସ୍‌ଏନ୍‌ଏଲ୍ ସର୍କଲରୁ ଉଭୟ ପୁରୁଷ ଏବଂ ମହିଳା ଟେବୁଲ ଟେନିସ ଦଳ ଏଥିରେ ଅଂଶଗ୍ରହଣ କରିବେ । ଓଡିଶା ଦୂରସଂଚାର ପରିମଣ୍ଡଳ, ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ରୁଦ୍ର ନାରାୟଣ ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ଏଲ୍‌ଏସ୍‌ଏ ମୁଖ୍ୟ ତଥା ଟେଲିକମ୍ ମହାନିର୍ଦ୍ଦେଶକ, ଶ୍ରୀ ବିଜୟ କୁମାର ନାୟକ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିବେ । ଦୂରସଂଚାର ବିଭାଗ କମୁନିକେସନ ଆକାଉଣ୍ଟସ, କନଟ୍ରୋଲର ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି ସମ୍ମାନିତ ଅତିଥି ଭାବେ ଏହି ଭବ୍ୟ ସମାରୋହରେ ଉପସ୍ଥିତ ରହିବେ ବୋଲି ନିଜର ସହମତି ପ୍ରଦାନ କରିଛନ୍ତି । ଶ୍ରୀ ସତ୍ୟ ହରି ବାବୁ, ମୁଖ୍ୟ ରେଫରୀ ଓ ସହାୟକ ରେଫରି ଭାବେ ୟସର ପସା ଘୋରି (ମଧ୍ୟ ପ୍ରଦେଶ) ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗନେବେ । ୧୫ ମାର୍ଚ୍ଚ ଦିନ ପ୍ରାୟ ୦୯.୦୦ ରୁ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ୧୮.୩.୨୦୨୩ ଅପରାହ୍ନ ରେ ଉଦଯାପିତ ହେବ ଓ କୃତି ପ୍ରତିଯୋଗିମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ଉଦଯାପନ ସମାରୋହ ରେ ପୁରସ୍କୃତ କରାଯିବ। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ, ଗୁଜୁରାଟ, ହିମାଚଳ ପ୍ରଦାନ, ହରିୟାନା, ଜାମ୍ମୁ ଓ କାଶ୍ମୀର, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ନର୍ଥ ଇଷ୍ଟ-୧ ଓ୨, ପଞ୍ଜାବ, ରାଜସ୍ଥାନ, ସିକ୍କିମ୍, ତେଲେଙ୍ଗାନା, ତାମିଲ ନାଡୁ, ପଶ୍ଚିମ ବଙ୍ଗ, ଉତ୍ତରାଞ୍ଚଳ, ସିଏନ-ଟିଏକ୍ସ (ଉତ୍ତର) ଏବଂ ଓଡିଶା ର ଉଭୟ ପୁରୁଷ ଓ ମହିଳା ଟେବୁଲ ଟେନିସ ଦଳ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ରେ ଭାଗ ନେବେ । ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁନ୍ଦର କରିବାକୁ ଆୟୋଜକ ଓଡିଶା ଦୂରସଂଚାର ପରିମଣ୍ଡଳ ର ସମସ୍ତ କର୍ମକର୍ତ୍ତା, ଓଡିଶା ବିଏସ୍‌ଏନ୍‌ଏଲ୍ କ୍ରୀଡା ସଂସ୍କୃତି ପରିଷଦ, ଟୁର୍ଣ୍ଣାମେଣ୍ଟ ସମିତିର ସମସ୍ତ ସଭ୍ୟ ସଭ୍ୟା ଓ ଓଡିଶା ଦୂରସଂଚାର ପ୍ରଶାସନ ତରଫରୁ ବରିଷ୍ଠ ମହାପ୍ରବନ୍ଧକ, ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ତଥା କ୍ରୀଡା ସଂସ୍କୃତି ପରିଷଦର ଶଚିବ ଉପମହାପ୍ରବନ୍ଧକ ଶ୍ରୀ ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟ କୁ ଆମନ୍ତ୍ରଣ କରିଛନ୍ତି ।

ବାଖରାବାଦ୍ ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ ମୁନି ସମାଜର ଜ୍ଞାନ ଯଜ୍ଞ

ରୂପ୍ସା, ୧୪/୦୩ (ନି.ପ୍ର): ଦିବା୧୦ ଘଟିକା ସମୟରେ ବୋଧଖଣ୍ଡିଗ୍ରାମ ସ୍ଥିତ ମୁନି ଅକ୍ଷୟ ରାଉତଙ୍କ ବାସଭବନରେ,ତାଙ୍କ ନାତି ଆୟୁଷ୍ମାନ ଜ୍ଞାନର ଅନ୍ନପ୍ରାସନ୍ନ ଉପଲକ୍ଷେ, ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଙ୍କ ସଭାପତିତ୍ୱରେ ଏକ ଜ୍ଞାନଯଜ୍ଞ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ମଞ୍ଚ ଅଳଙ୍କୃତ କରିଥିଲେ, ମୁନି ସମାଜର ପ୍ରାନ୍ତିୟ ପୂର୍ବତନ ଅଧ୍ୟକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନିଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ମୁନିସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ , ବାଖରାବାଦ୍ ଶିବମୁନି ଯୋଗାଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ଏବଂ କଟକରୁ ଆସିଥିବା ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ ଜେମାମଣୀ ମହୋଦୟା । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ସଂସ୍କାର ମୂଳକ ଅନ୍ନପ୍ରାସନ୍ନ ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରିବାରର ସଦସ୍ୟ ସଦସ୍ୟା, ବନ୍ଧୁ ବାନ୍ଧବ, ସାହି ପଡିଶା ସହିତ ବାଖରାବାଦ୍ ଶିବମୁନି ଯୋଗାଶ୍ରମର ମୁନି ମୁନିମତୀ ମାନେ ଶତାଧିକ ସଂଖ୍ୟା ରେ ଯୋଗଦାନ କରିଥିଲେ । ଶେଷରେ ଯୋଗୀ ଶଙ୍କର ପାଲ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ରାଣୀତାଲ୍‌ରେ କୋଟ୍‌ପା ଚଢ଼ଉ, ୧୨ ଜଣଙ୍କ ଠାରୁ ୨୨୦୦ ଟଙ୍କା ଜୋରିମାନା ଆଦାୟ

ଭଦ୍ରକ, ୧୪/୦୩ (ନି.ପ୍ର): ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ୍ ବିଭାଗ ଦ୍ୱାରା ମିଳିତ ଭାବେ ରାଣୀତାଲ ବଜାରରେ ଜାତୀୟ ତମାଖୁ ନିଷେଧ ଆଇନର ଅବମାନନା ନେଇ ଧଣପଗଡ଼ କରାଯାଇଥିଲା। ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରୟ କରୁଥିବା ୧୨ ଜଣ ଦୋକାନୀଙ୍କ ଠାରୁ ୨୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଜିଲ୍ଲା ମୁଖ୍ୟ ଡ । କ୍ତ ର ଖ । ନ । ର ଏପିଡ଼େମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଅଣ ସଂକ୍ରାମକ ରୋଗ ସହକାରୀ ପରିଚାଳକ ଦୀପକ କୁମାର ରାଉତ ପୋଲିସ ବିଭାଗର ଅଧିକାରୀ ଗ୍ରାମାଞ୍ଚଳ ଥାନାର ଏସ୍.ଆଇ. ଦିଲିପ୍ କୁମାର ସେଠୀ ପ୍ରମୁଖ ଏହି ଚଢ଼ଉ କାର୍ଯ୍ୟକ୍ରମରେ ସାମିଲ ଥିଲେ।

ଛାତ୍ରକୁ ମାଡ଼ ମାରିବା ଘଟଣା : ୬ଦିନ ପରେ ମେଡିକାଲରେ ଭର୍ତ୍ତି

ନୀଳଗିରି, ୧୪/୦୩ (ନି.ପ୍ର): ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟମାନଙ୍କରେ ଦଣ୍ଡମୁକ୍ତ ଅଂଚଳ ଭାବେ ଘୋଷଣା କରିଥିବା ବେଳେ କୌଣସି ଶିକ୍ଷକ / ଶିକ୍ଷୟିତ୍ରୀ ମାନେ କୌଣସି ଛାତ୍ରଛାତ୍ରୀଙ୍କୁ ମାଡ଼ ମାରି ପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି । ମାତ୍ର ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କେତେଦୂର ପାଳନ କରୁଛନ୍ତି ଶିକ୍ଷକ / ଶିକ୍ଷୟିତ୍ରୀ ଏକ ଘଟଣାରୁ ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର କେ.ପି.ଲାଖରାଜ ପଂଚାୟତରର କାଠଗୋଛି ଗ୍ରାମରେ ଥିବା କାଠଗୋଛି ଉନ୍ନିତ ବିଦ୍ୟାଳୟର ସରକାରଙ୍କ ପକ୍ଷରୁ ୪୦ ସିଟ୍ ବିଶିଷ୍ଟ ହଷ୍ଟେଲ ରହିଥିବା ବେଳେ ହଷ୍ଟେଲର ପିଲା ସଂଖ୍ୟାକୁ ବଢ଼ାଇବା ପାଇଁ ଉକ୍ତ ଗ୍ରାମର ରମେଶ ସିଂର ପୁଅ ଚନ୍ଦନ (୧୦) କୁ ହଷ୍ଟେଲର ରୋଷେୟା ରଂଜନ ସିଂ ଓ ପ୍ରଧାନଶିକ୍ଷକ ତାରିଣୀ କୁମାର ପତି ପିଲାର ବାପାକୁ ବୁଝାସୁଝା କରି ହଷ୍ଟେଲର ଛାଡ଼ିବା ପାଇଁ ଅନୁରୋଧ କଲା ପରେ ବାପା ପୁଅ ଚନ୍ଦନକୁ ଆଜକୁ ୧ମାସ ପୂର୍ବରୁ ହଷ୍ଟେଲର ଛାଡ଼ି ଆସିଥିଲେ । ଗତ ୭.୩.୨୩ରିଖ ଦିନ ଚନ୍ଦନ ହଷ୍ଟେଲରେ ରାତିରେ ଶୋଇଥିବା ବେଳେ ସକାଳେ ଉଠିବାର ବିଳମ୍ବ ହେବାରୁ ପ୍ରଧାନଶିକ୍ଷକ ଛାତ୍ରଜଣକୁ ମାଡ଼ ମାରିଥିବା ଛାତ୍ରର ବାପା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ମାଡ଼ ମାରିବା ଦ୍ୱାରା ଛାତ୍ରର ଜଙ୍ଘ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଧାନଶିକ୍ଷକ ନିଜର ମାନବିକତାକୁ ଭୁଲି ମେଡିକାଲ ନେବା ତ ଦୂରର କଥା, କୌଣସି ଚିକିତ୍ସା ମଧ୍ୟ କରି ନ ଥିଲେ । ମାଡ଼ ଖାଇବାରର ୨ ଦିନ ପରେ ରୋଷେୟା ଛାତ୍ରର ବାପାଙ୍କୁ ପିଲାର ଅସୁସ୍ଥତା ବାବଦରେ କହିବା ପରେ ବାପା ହଷ୍ଟେଲକୁ ଯାଇ ପିଲାକୁ ଘରକୁ ନେଇ ଆସିଥିଲେ । ମାତ୍ର ପିଲାଟି ଗୋଡ଼ର ଯନ୍ତ୍ରଣା ହେବାରୁ ଶେଷରେ ପରିବାର ଲୋକେ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସିତ କରିଛନ୍ତି । ଏ ନେଇ ଅଂଜଳରେ ଉତେଜନା ଲାଗି ରହିଥିବା ବେଳେ ଆଜି ପିଲାର ବାପା ସଂପୃକ୍ତ ପ୍ରଧାନଶିକ୍ଷକ ବିରୋଧ ରେ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ମାଡ଼ ମାରିବା ଘଟଣାକୁ ପ୍ରଧାନ ଶିକ୍ଷକ ଅସ୍ୱୀକାର କରିବା ସହ ଦୁଇ ଭାଇ ମାରପିଟ ଲାଗିଥିବା ପ୍ରକାଶ କରିଛନ୍ତି । ତେବେ ଘଟଣାକୁ ରଫାନାମା କରିବା ପାଇଁ ପ୍ରଧାନଶିକ୍ଷକ ଆପ୍ରାଣେ ଚେଷ୍ଟା କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ପୁଅ ଭଲ ହେବା ପରେ କ'ଣ କରାଯିବ କ'ଣ ନ କରାଯିବ ବୋଲି ପୁଅର ବାପା ରୋକଠୋକ ଜଣାଇଛନ୍ତି ।

ଖାଦ୍ୟ ନିରାପତ୍ତା ବିଭାଗର ଧରପଗଡ଼

ଭଦ୍ରକ, ୧୪/୦୩ (ନି.ପ୍ର): ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ନେତୃତ୍ୱରେ ଆଜି ଭଦ୍ରକ ସହରରେ ରେଷ୍ଟୁରାଣ୍ଟ ମାନଙ୍କରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ସବୁ ଜବତ କରାଯାଇ ନଷ୍ଟ କରି ଦିଆଯାଇଥିଲା। ରେଷ୍ଟୁରାଣ୍ଟ ମାଲିକମାନଙ୍କୁ ରେଷ୍ଟୁରାଣ୍ଟର ପରିବେଶ କୁ ପରିଷ୍କାର ଓ ସ୍ୱାସ୍ଥ୍ୟପ୍ରଦ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

ଲୋକଙ୍କୁ ନ୍ୟାୟ ସହାୟତା ଦେବା ସିଦ୍ଧାନ୍ତ

ଜଳେଶ୍ୱର, ୧୪/୦୩ (ନି.ପ୍ର): ଜଳେଶ୍ୱରରେ ନବଗଠିତ ଅଧିବକ୍ତା ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ଓଡିଶାର ଡେପୁଟି ସଲିସିଟ ଜେନରାଲ ପ୍ରସନ୍ନ କୁମାର ପାଢୀ ଏଥିରେ ଯୋଗ ଦେଇ ସଂପ୍ରତିକ ସମାଜରେ ମହିଳା ଓ ଗରିବ ଲୋକ ନ୍ୟାୟ ପାଇବାରୁ ବଂଚିତ ବ୍ୟକ୍ତି ମାନଙ୍କୁ ଆଇନ୍ ସହାୟତା ଦେବା ସଂପର୍କରେ ସୂଚନା ଦେଇଥିଲେ। ଏଥିଲାଗି ସପ୍ତାହକୁ ଗୋଟିଏ ଦିନ ମାଗଣା ଆଇନ୍ ସହାୟତା ଯୋଗାଇ ଦେବାକୁ ସ୍ଥିର କରାଯାଇଛି । ଏଥିରେ ଅଧିବକ୍ତା ପରିଷଦର କାର୍ଯ୍ୟକାରୀ ସଭାପତି ସାନ୍ତନୁ ପଟ୍ଟନାୟକ, ଅନୁପକୁମାର ଜେନା, ବିନୟ ନନ୍ଦି, ବ୍ୟମକେଶ ମଣ୍ଡଳ, ବିଶ୍ୱବିନୋଦ ଭଂଜ, ଗଣେଶ ମାଇତି, ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ -ଏ ଟିମ ଏବଂ କରଂଜିଆ ଟିମ ବିଜୟୀ

ବାରିପଦା, ୧୪/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏ ଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଂଟର ୫ମଦିନର ପ୍ରଥମ ମ୍ୟାଚରେ ଡିଆରକେ-ଏ ଟିମ ଜେକେସିସି ଟିମକୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ -ଏ ୨୬ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରିତମ ବେହେରା ୩୪ ଓ ମିର ଆକବର ଅଲ୍ଲୀ ୨୬ ରନ କରିଥିବା ବେଳେ ବିପକ୍ଷ ଦଳର ମୋହିତ କଂକାରିଆ ୩ ଟି, ସୁବ୍ରତ ସିଂହ ଓ ସାଇବା ସିଂହ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଡିଆରକେ- ଏ ୨୬.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଅମିତାଭ ଦାସ ୪୧, ଶୁଭମ ମହାନ୍ତି ୩୪ ଓ ସୁବ୍ରତ ସିଂହ ୨୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ବିପକ୍ଷ ଦଳର ସୁଭାଶିଷ ଦେ ୨ ଟି ଉଇକେଟ ନେଇଥିଲେ । କଲେଜ ପଡିଆରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ କରଂଜିଆ ଟିମ ମୟୁରଭଂଜ - ବି ଟିମକୁ ୧୦ ଉଇକେଟରେ ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୟୁରଭଂଜ - ବି ୧୫.୧ ଓଭରରେ ୯ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମାନସ ରଂଜନ ମହାନ୍ତ ୩୨ ରନ କରିଥିବା ବେଳେ ସୁବିତ ସେଠି ଓ କ୍ଷେତ୍ରବାସୀ ବାରିକ ୩ ଟି ଲେଖାଏଁ ଏବଂ ପ୍ରବୀଣ ଘଣା ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତରରେ କରଂଜିଆ ୭.୪ ଓଭରରେ କୌଣସି ଉଇକେଟ ନହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଶ୍ରୀମନ୍ତ ସାହୁ ୩୯ ଓ ଜୟରାମ ଟୁଡୁ ୨୬ ରନ କରିଥିଲେ। ସୁବିତ ସେଠି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅମିତାଭ ପଟ୍ଟନାୟକ, ଦେବାଶିଷ ଗୁପ୍ତା, ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ମିତ ମହାରଣା ଓ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ । ଅତିଥି ଭାବେ ଯୋଗ ଦେଇ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ ସାଓ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଏବଂ ସହ ସମ୍ପାଦକ ବୈଦ୍ୟନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଆଦାନୀ ପ୍ରସଙ୍ଗରେ ପୁଣି ....

ଆମ୍ ଆଦମୀ ପାର୍ଟି ସହ ବିଆରଏସର ସାଂସଦ । ତିନୋଟି ଚିତ୍ରରେ ପ୍ରସଙ୍ଗ ଗୋଟିଏ । ଆଦାନୀ ମାମଲାରେ ଜେପିସି ଦାବି ଏବଂ କେନ୍ଦ୍ର ସରକାର ଉପରେ ହଲ୍ଲାବୋଲ । କଂଗ୍ରେସ ସାଂସଦମାନେ ଗୃହ ବାହାରେ ପୋଷ୍ଟର ଓ ବ୍ୟାନର ଧରି ସରକାର ବିରୋଧରେ ନାରାବାଜି ଦେଇଥିଲେ । ଆଉ ଆଦାମୀ ମାମଲାରେ ଜେପିସି ଦାବିକୁ ନେଇ କେନ୍ଦ୍ରକୁ ଘେରିଛନ୍ତି । ସେପଟେ ଆମ୍ ଆଦମୀ ପାର୍ଟି ଓ ଭାରତୀୟ ରାଷ୍ଟ୍ରୀୟ ସମିତିର ସାଂସଦମାନେ ପ୍ରଥମେ ଗୃହ ବାହାରେ ନାରାବାଜି ଦେଇଥିଲେ । ପରେ ଗାନ୍ଧୀ ମୂର୍ତ୍ତି ତଳେ ପହଂଚିଥିଲେ । ସେଠାରେ ଉଭୟ ଦଳର ସାଂସଦମାନେ ମୋଦୀ ସରକାର ବିରୋଧରେ ପ୍ରତିବାଦ କରିବା ସହ ଆଦାନୀ ମାମଲାରେ ଜେପିସି ଦାବି କରିଥିଲେ । ସେପଟେ ଟିଏମସି ମନସ୍ଥ କରିନେଇଛି ଯେ ଦଳ କଂଗ୍ରେସ ସହ କୌଣସି ପ୍ରସଙ୍ଗରେ ସାଥ ଦେବ ନାହିଁ । ଏଥିପାଇଁ ମମତାଙ୍କ ଦଳ ସହ ଦୂରେଇ ରହି ଅଲଗା ପ୍ରଦର୍ଶନ କରିବାକୁ ନିଷ୍ପତି ନେଇଛନ୍ତି । ଟିଏମସି ସାଂସଦମାନେ ଗାନ୍ଧୀ ମୂର୍ତ୍ତି ତଳେ ଏକତ୍ରିତ ହୋଇ କେନ୍ଦ୍ର ସରକାର ଉପରେ ଜୋରଦାର ପ୍ରତିବାଦ କରିଛନ୍ତି । ମଙ୍ଗଳବାର ସଂସଦ ଭବନରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଚାମ୍ବରରେ ବିରୋଧୀ ଦଳ

ବୁଧବାର, ମାର୍ଚ୍ଚ ୧୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଡ୍ରାଇଭର ସଂଘର ଦାବିକୁ ଗୁରୁତ୍ୱର ସହ ନେଇ ବିଚାର କରିବୁ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଡ୍ରାଇଭର ସଂଘ ସହ ଆଲୋଚନାକୁ ଆମେ ଗୁରୁତ୍ୱର ସହ ନେଉଛୁ। ଡ୍ରାଇଭରଙ୍କ ପାଇଁ ଆମେ ସକରାତ୍ମକ ଚିନ୍ତାଧାରା ରଖିଛୁ। ମୁଖ୍ୟମନ୍ତ୍ରୀ ପଜିଟିଭ ଚିନ୍ତା ରଖିବେ ବୋଲି ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇ ବର୍ଷ କୋଭିଡ ପରେ ପିଲାମାନେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପରୀକ୍ଷାର୍ଥୀଙ୍କ କୌଣସି ଅସୁବିଧା ନହେବା ପାଇଁ ମୁଁ ଡ୍ରାଇଭରମାନଙ୍କୁ ଅନୁରୋଧ କରୁଛି। ସାଧାରଣ ଜନଜୀବନ ଯେମିତି କୌଣସି ଅସୁବିଧା ନହୁଏ ଓ ଦାବିକୁ ଗୁରୁତ୍ୱର ସହ ନେଇ ବିଚାର କରିବୁ। ଓଡ଼ିଶା ଡ୍ରାଇଭର ମହାସଂଘ ଆସନ୍ତାକାଲି (ମାର୍ଚ୍ଚ ୧୫) ଠାରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବ। ଆଜି ଏପରି ମିଳିତ ଭାବେ ନିଷ୍ପତି ନେଇଛନ୍ତି ସଂଘ। ଏବେ ଦଶମ ପରୀକ୍ଷା ଚାଲିଥିବା ହେତୁ ଭୁବନେଶ୍ୱର ସହରରେ କୌଣସି ଧାରଣା ଦିଆଯିବନାହିଁ ବୋଲି ସଂଘ କହିଛି। ଓଡ଼ିଶା ଡ୍ରାଇଭର ମହାସଂଘ ସହ ଓଡ଼ିଶା ମଟର ଚାଳକ ସଂଘ, ନାଇଟ ହେଲ୍ପ ଟ୍ରଷ୍ଟ କ୍ୟାବ ସର୍ଭିସ୍ ସଂଘ, ଓଡ଼ିଶା ପରିବହନ ଚାଳକ ସଂଘ ଓ କଳିଙ୍ଗ ଅଟୋ ଚାଳକ ମହାସଂଘ ଏପରି ନିଷ୍ପତି ନେଇଛନ୍ତି । ଏହା ଅନୁଯାୟୀ ଭୁବନେଶ୍ୱରରେ କୌଣସି ବିରୋଧ କାର୍ଯ୍ୟକ୍ରମ କରିବୁ ନାହିଁ ବୋଲି ସଂଘ କହିଛି। ଅପରପକ୍ଷରେ ରାଜ୍ୟରେ ମାଟ୍ରିକ୍, ଯୁକ୍ତ ୨ ଓ ଅନ୍ୟାନ୍ୟ ପରୀକ୍ଷା ଚାଲିଥିବାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ନୟନ କମିଶନର, ପୋଲିସ୍ ଡିଜି , ଗୃହ ସଚିବ, ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ, ଓସେପା ନିର୍ଦ୍ଦେଶକ, ଡିସିପି, ସମସ୍ତ ଜିଲ୍ଲାପାଳ , ଏସପି ଓ ଆରଟିଓ ମାନେ ଉପସ୍ଥିତ ଥିଲେ। ଆନ୍ଦୋଳନ ଯୋଗୁଁ ଲୋକମାନେ ଯେପରି ପ୍ରଭାବିତ ନହେବେ ସେଥିପାଇଁ ଆକ୍ସ ପ୍ଲାନ୍ ପ୍ରସ୍ତୁତ କରିବାକୁ ସେମାନଙ୍କୁ କୁହାଯାଇଥିବା ସୂଚନା ମିଳିଛି। କିଛି ସଂଘ ଆନ୍ଦୋଳନକୁ ସମର୍ଥନ କରୁନଥିବାରୁ ଅପ୍ରୀତିକର ପରିସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନକୁ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଛି।

୨୫ରେ ବାଲେଶ୍ୱର ବାର ଆସୋସିଏସନ ନିର୍ବାଚନ

୧୨୯୬ ଜଣ କରିବେ ମତଦାନ

ବାଲେଶ୍ୱର, ୧୪/୦୩ (ନି.ପ୍ର): ଆସନ୍ତା ୨୫ ତାରିଖରେ ହେବାକୁ ଯାଉଥିବା ବାଲେଶ୍ୱର ବାର ଆସୋସିଏସନ ନିର୍ବାଚନ ପାଇଁ ସୋମବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ କେଶବ କୁମାର ଆଚାର୍ଯ୍ୟ ଓ ମନୋଜ କୁମାର ନାୟକ, ଉପ-ସଭାପତି ପଦ ପାଇଁ ଦୁର୍ଗାମାଧବ ମହାପାତ୍ର, ଜିତେନ୍ଦ୍ର କୁମାର ରାଉତ, ରଂଜନ କୁମାର ସାହୁ ଓ ରଞ୍ଜିତ ପଣ୍ଡା; ସମ୍ପାଦକ ପଦରେ ଦୀପକ କୁମାର ଦାଶ ଓ ସମ୍ମିତ କୁମାର ନନ୍ଦୀ, ସହ ସମ୍ପାଦକ ପଦ ପାଇଁ ଅମ୍ବୁଜ କୁମାର ଦାସ, ଅନ୍ନପୂର୍ଣ୍ଣା ରାଉତ, ଚନ୍ଦ୍ରକାନ୍ତ ଜେନା, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ନାରାୟଣ ଚନ୍ଦ୍ର ସାହୁ ଓ ସଞ୍ଜୀବ କୁମାର ମିଶ୍ର; କୋଷାଧ୍ୟକ୍ଷ ପଦରେ ପ୍ରଶାନ୍ତ କୁମାର ନାୟକ ଓ ପ୍ରତାପ କେଶରୀ ଦାସ, ସହ-କୋଷାଧ୍ୟକ୍ଷ ପଦରେ ପିନାକୀ ଧୀର ଓ ସନ୍ତୋଷ କୁମାର ସେଠୀଙ୍କ ସମେତ ୧୨ କାର୍ଯ୍ୟକାରିଣୀ ସଦସ୍ୟ ପଦ ପାଇଁ ୨୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଥିବା ବରିଷ୍ଠ ଆଇନଜୀବୀ କାର୍ତ୍ତିକ ସି ସୂଚନା ଦେଇଛନ୍ତି। ଗତ ୫ ଓ ୬ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ୧୦ ତାରିଖ ଯାଞ୍ଚ, ୧୨ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ପରେ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଆସନ୍ତା ୨୫ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଏଥିରେ ମୋଟ ୧୨୯୬ ଜଣ ଭୋଟର ମତଦାନ କରିବେ। ୪ ଟାରୁ ଗଣତି ଆରମ୍ଭ ହୋଇ ଫଳ ପ୍ରକାଶିତ ହେବ। ଏନେଇ ୨ ନଂ ହଲରେ ୧୨ ଗୋଟି ବୁଥ ସ୍ଥାପନ ପାଇଁ ପ୍ରସ୍ତୁତି ହୋଇଥିବା ଶ୍ରୀ ସି ପ୍ରକାଶ କରିଛନ୍ତି। ନିର୍ବାଚନ ପରିଚାଳନାରେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ସୁଧାଂଶୁ ନାୟକ, ଶଙ୍କର ଜେନା, ଅଭିମନ୍ୟୁ ପାକଳ, ରିମୁ ରଂଜନ ଦାସ ପ୍ରମୁଖଙ୍କ ସମେତ ୧୫ ଜଣ ଓକିଲ ସହଯୋଗ କରୁଛନ୍ତି। ପୂର୍ବରୁ ପ୍ରତି ୩ ବର୍ଷରେ ଥରେ ବାର ଆସୋସିଏସନ ନିର୍ବାଚନ ହେଉଥିଲା। ମାତ୍ର ରାଜ୍ୟ ବାର କାଉନସିଲର ସଂଶୋଧିତ ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ଶନିବାର ନିର୍ବାଚନ ହେଉଛି ଆଇନଜୀବୀ ଶ୍ରୀ ସି ସୂଚନା ଦେଇଛନ୍ତି।

ସ୍କୁଲ ପରିସରରେ ସ୍କୁଲ ସମୟରେ ଚାଲିଛି ଯାତ୍ରାପାର୍ଟିଙ୍କ ରୋଷେଇଶାଳ

ନୀଳଗିରି, ୧୪/୦୩ (ନି.ପ୍ର): ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପୁଣି ସ୍କୁଲ ସମୟରେ କ୍ଲାସରୁମରେ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଏକ ରୁମରେ ରଖି ଯାତ୍ରାପାର୍ଟିଙ୍କ ରୋଷେଇଶାଳ ସାଜିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ଗରଡିହି ଗ୍ରା.ପ.ର କଦମ୍ବଗଡ଼ି ପ୍ରାଥମିକ ବିଦ୍ୟାଳୟରେ ଉକ୍ତ ଚିତ୍ର ଦେଖିବାକୁ ମିଳିଛି । ଗାଁରେ ଦୋଳଯାତ୍ରା ଚାଲିଥିବା ବେଳେ ଏହି ଉପଲକ୍ଷେ ଯାତ୍ରା ପରିବେଷଣ ପାଇଁ ଆସିଥିବା କଳାକାରମାନେ ଉକ୍ତ ବିଦ୍ୟାଳୟର ପରିସରରେ ପୁଣି କ୍ଲାସ ସମୟରେ ରୋଷେଇ କରି ଖାଇବା, ରହିବା ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚା ଚାଲିଛି। ପ୍ରଧାନଶିକ୍ଷୟିତ୍ରୀ କେଉଁ ଆଧାରରେ ଯାତ୍ରାକଳାକାରଙ୍କୁ ରୋଷେଇଶାଳ ଭାବେ ବ୍ୟବହାର କରିବା ପାଇଁ ଅନୁମତି ଦେଲେ । ଉପରିସ୍ଥ ଅଧିକାରୀଙ୍କ ଠାରୁ ଅନୁମତି ଆଣିଥିଲେକି, ତାହା ଏବେ ତଦନ୍ତ ସାପେକ୍ଷ । ଏ ନେଇ ନୀଳଗିରି ବି.ଇ.ଓ. ସ୍ନିଗ୍ଧା ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ ମୋବାଇଲ ଉଠାଇ ନ ଥିଲେ । ତେବେ ଘଟଣାର ତଦନ୍ତ ପାଇଁ ସି.ଆର.ସି.ଙ୍କୁ ପଠାଇଥିଲେ । ସି.ଆର.ସି. ସ୍କୁଲକୁ ଯାଇ ତଦନ୍ତ କରିବା ସହ ଘଟଣା ସତ ବୋଲି ବି.ଇ.ଓ.ଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଘଟଣା ବାବଦରେ ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାରଙ୍କୁ ଅବଗତ କଲା ପରେ ଘଟଣାର ତଦନ୍ତ କରାଯିବା ସହ ଯଦି ଏଥିରେ ସତ୍ୟତା ଥାଏ, ତେବେ ତାଙ୍କୁ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

ବିଧାୟିକା ଅଳକା ମହାନ୍ତି ଅସୁସ୍ଥ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଅସୁସ୍ଥ ହୋଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ମଙ୍ଗଳବାର ୫ -ଟି ସଚିବ ଭି .କେ ପାଣ୍ଡିଆନ ହସ୍ପିଟାଲ ଯାଇ ବିଧାୟିକାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାସହ ଡାକ୍ତରମାନଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ।

କୋଷ୍ଟାରେ ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ଜ୍ୟୋତିରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୧୪/୦୩ (ନି.ପ୍ର): ଭଂଜମାଟିର ଗାରିମାମୟ ଐତିହ୍ୟ ସମ୍ପର୍କରେ ଉତରପିଢିଙ୍କୁ ସଚେତନ କରିବା ପାଇଁ ତଥା ସାଂସ୍କୃତିକ ଜାଗରଣ ନିମନ୍ତେ ବଳାଙ୍ଗୀ ସଂସ୍କୃତି ସେନା ପକ୍ଷରୁ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ଜ୍ୟୋତିରଥ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ରବିବାର ଅପରାହ୍ନ ୫ ଘଟିକା ସମୟରେ କୋଷ୍ଟା ଗ୍ରାମରେ ପଦାର୍ପଣ କରିଥିବା ବେଳେ, କୋଷ୍ଟା ଜଗନ୍ନାଥ ମନ୍ଦିରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ମନ୍ଦିର ଟ୍ରଷ୍ଟି ହରିଶ୍ଚନ୍ଦ୍ର ଦତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଧାପକ ଅରୁଣ କୁମାର ଦତ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଡ.ସଂଜୀବ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବଳାଙ୍ଗୀ ମହୋତ୍ସ୍ୱ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ମୟୂରଭଂଜର ଐତିହ୍ୟ ସମ୍ପର୍କରେ ଭାଷଣ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ସତୀଶ ଚନ୍ଦ୍ର ଦତ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଗୁଣାଧର ଦତ ଧନ୍ୟବାଦ ଅର୍ପଣ କରିଥିଲେ । ବଳାଙ୍ଗୀ ମହୋତ୍ସବର କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ଦୀପକ ନାୟକ, ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ଉପଦେଷ୍ଟା ନରେନ୍ଦ୍ରମୋହନ ସେନାପତି, ସୁଧାଂଶୁ ଦତ, ଶିବରଂଜନ ଦାସ, ରଂଜନ ଦାସ, ନନ୍ଦଲାଲ ନାଏକ, ହରିଶ ଦାସ, ଶିବନାରାୟଣ ଦତ ପ୍ରମୁଖ ଯୋଗ ଦେଇଥିଲେ । କୋଷ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୌରମୋହନ ସାତୁଆ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଗ୍ରାମବାସୀ ଉପସ୍ଥିତ ରହି ଦିବ୍ୟ ଜ୍ୟୋତିରଥକୁ ମନ୍ଦିରକୁ ପାଛୋଟି ଆଣିଥିଲେ । ଏହି ଅବସର ରେ ସାଂସ୍କୃତିକ ନୃତ୍ୟ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା ।

ଖଇରାରେ ୩ ପୋଲ ନିର୍ମାଣ ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

ବାଲେଶ୍ୱର, ୧୪/୦୩ (ନି.ପ୍ର): ଖଇରା ବ୍ଲକର ଶୋଚନୀୟ ରାସ୍ତାଘାଟ ଓ ଆବଶ୍ୟକ ପୋଲ ନିର୍ମାଣ ଦାବିରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ବିଶେଷ କରି ତୁଡ଼ିଗଡ଼ିଆରୁ ଆନନ୍ଦପୁର ରାସ୍ତାର କାଂଶବାଂଶ ନଦୀରେ ପୋଲ ନଥିବା ଯୋଗୁଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ମହତିପୁରରୁ ଭଦ୍ରକ ଜିଲା ଚରମ୍ପାକୁ ସଂଯୋଗ କରୁଥିବା ରାସ୍ତାର କାଂଶବାଂଶ ନଦୀର ପୋଲ ସାଙ୍ଗକୁ ଛାଞ୍ଚୁଣିଆ ନାଳରେ ଏକ ପୋଲ ନିର୍ମାଣର ଆବଶ୍ୟକତା ସମ୍ପର୍କରେ ଶ୍ରୀ ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଛନ୍ତି। ପ୍ରତିଦିନ ହଜାର ହଜାର ଲୋକ ଯା'ଆସ କରୁଥିବା ରାସ୍ତାର ପୋଲ ନିର୍ମାଣ ବାବଦରେ ଉଚିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି। ଜନସେବାରେ ସକ୍ରିୟ ଥିବା ଶ୍ରୀ ପଣ୍ଡାଙ୍କର ଏତାଦୃଶ କାର୍ଯ୍ୟକୁ ଖଇରା ଅଞ୍ଚଳର ଲୋକେ ପ୍ରଶଂସା କରିଛନ୍ତି।

ଡ୍ରାଇଭର ସଂଘ ଆନ୍ଦୋଳନରେ ଭୟଭୀତ ନ ହେବାକୁ ପରାମର୍ଶ

ବାଲେଶ୍ୱର, ୧୪/୦୩ (ନି.ପ୍ର): ଡ୍ରାଇଭର ସଂଘର ଆନ୍ଦୋଳନ ଡାକରା ସତ୍ତ୍ୱେ ପରୀକ୍ଷାର୍ଥୀ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଡ୍ରାଇଭରମାନେ ଯଦି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ନ କରି ସାଧାରଣ ଯାତାୟତରେ ବ୍ୟାଘାତ ସୃଷ୍ଟି ପାଇଁ ଉଦ୍ୟମ କରନ୍ତି, ତାହାଲେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଏକ ପ୍ରେସ ବିବୃତିରେ ଜିଲାବାସୀଙ୍କୁ ଅବଗତ କରିଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ କୌଣସି ବ୍ୟକ୍ତି ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

ଚକ ଫାଟିବାରୁ ଓଲଟିଲା ଯାତ୍ରୀବାହୀ ବସ : ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ, ୨ ଗୁରୁତର

ବାରିପଦା, ୧୪/୦୩ (ନି.ପ୍ର): ରାଇରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଇନ୍ଦ୍ରାଣୀ ନାମକ ଯାତ୍ରୀବାହି ବସ ରବିବାର ବିଳମ୍ବିତ ରାତିରେ କୃଷ୍ଣଚନ୍ଦ୍ରପୁର ଠାରେ ଚକ ଫାଟିଯିବାରୁ ଭାରସମ୍ୟ ହରାଇ ଓଲଟି ପଡିବା ଫଳରେ ୨୦ରୁ ଉର୍ଦ୍ଧ୍ୱଯାତ୍ରୀ ଆହତ ହେବା ସହ ୨ଜଣ ଗୁରୁତର ହୋଇ ଥିବାର ଜଣାଯାଇଛି । ସୂଚନା ଅନୁଯାୟୀ ବସଟି ରାଇରଙ୍ଗପୁର ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ରାତ୍ରି ପ୍ରାୟ ୧୨:୩୦ ବେଳେ ୧୮ ନଂ ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଫ୍ଲାଇ ଓଭର ନିକଟରେ ବସଟିର ଚକ କୋଣସି କାରଣ ପାଇଁ ଫାଟି ଯିବାରୁ ଭାରସାମ୍ୟ ହରାଇ ଜାତୀୟ ରାଜପଥରେ ଓଲଟି ପଡ଼ିଥିଲା । ଏଥିରେ ବସରେ ଥିବା ଯାତ୍ରୀ ମାନେ ଆହତ ହୋଇଥିବା ବେଳେ ଜଣେ ବସ ତଳେ ଚାପି ହୋଇ ରହିଥିଲେ । ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାପରେ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ସମ୍ପାଦନ କରିଥିଲେ । ୨୦ରୁ ଉର୍ଦ୍ଧ ଆହତ ଯାତ୍ରୀଙ୍କୁ ପିଆରଏମ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣ ଗୁରୁତର ଥିବା ବ୍ୟକ୍ତିଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିବାର ଜଣାଯାଇଛି । ଗୁରୁତର ବ୍ୟକ୍ତି ୨ଜଣ ବ୍ୟକ୍ତି ରମେଶ ଚନ୍ଦ୍ର ମୁର୍ମୁ ଏବଂ ଯଶବନ୍ତ ସୋରେନ ବୋଲି ଜଣାଯାଇଛି ।

ରୋଗଗ୍ରସ୍ତ ସ୍ୱାମୀ ହସ୍ପିଟାଲ ବେଡ୍‌ରେ ଥିବା ବେଳେ ପିଲା ସହ ସ୍ତ୍ରୀ ପଳାଇଲା ପ୍ରେମୀକ ସହିତ

ଜଳେଶ୍ୱର, ୧୪/୦୩ (ନି.ପ୍ର): ଜଳେଶ୍ୱର ଥାନା ଅଂଚଳର ଜନୈକ ବିବାହିତ ପୁରୁଷ ଚିକିତ୍ସା ଲାଗି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାର ସ୍ତ୍ରୀ ଛୁଆକୁ ଧରି ପରପୁରୁଷ ସହିତ ଚାଲିଯାଇଥିବା ଜଣାଯିବାପରେ ତାହାଂ ଆଲୋଚ୍ୟର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପିମୋହନପୁର ପଂଚାୟତର ଜନୈକ ଯୁବକ ୨୦୨୦ ମସିହାରେ ବାଲିଆପାଳ ଥାନାର କଟିସାହି-ସୁନାରାଇ ଗାଁର ଜଣେ ଯୁବତୀକୁ ଭଲପାଇ ବିବାହ କରିଥିଲେ । ଏବେ ସେମାନଙ୍କରୁ ୧୩ ମାସର ଶିଶୁ କନ୍ୟା ରହିଛି । ସ୍ୱାମୀ ଜଣକ ରୋଗଗ୍ରସ୍ତ ହୋଇ ଶଯ୍ୟାସାୟୀ ଥିବା ବେଳେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୁଯୋଗ ଉଣ୍ଡି ମହିଳାଜଣକ ତାର ସମସ୍ତ ଗହଣାପତ୍ର ସହିତ ଝିଅକୁ ଧରି ସ୍ୱାମୀଙ୍କ ସ୍କୁଟିରେ ଘରୁ ପଳାଇ ଯାଇଛି । ସଂଧ୍ୟାସୁଦ୍ଧା ଘରକୁ ନ ଫେରିବାରୁ ପରିବାରର ଲୋକେ ଖୋଜାଖୋଜି କରିଥିଲେ । ଖରିର୍ଦ୍ଦା ଅଂଚଳର ଜଣେ ଯୁବକଙ୍କ ସହିତ ସେମାନେ ଜଳେଶ୍ୱରର ଚନ୍ଦନା ଗାଁରେ ବିବାହ କରି ରହିଥିବାର ଜଣାଯାଇଛି ।

ରନ୍ଧନ ଗ୍ୟାସର ଅତ୍ୟଧିକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ବାରିପଦା, ୧୪/୦୩ (ନି.ପ୍ର): ରନ୍ଧନ ଗ୍ୟାସର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଏବଂ ନିକଟରେ ସିଲିଣ୍ଡର ପ୍ରତି ଟ ୫୦ ବୃଦ୍ଧି ହୋଇଥିବାରୁ ଗୃହୀଣୀ ମାନେ ଅତିଷ୍ଠ ହୋଇ ପଡିଲେଣି ରାଜ୍ୟ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା ଙ୍କ ଡାକରା କ୍ରମେ ଆଜି ବାରିପଦା ସହରର ଟ୍ରାଫିକ ଛକ ଠାରେ ଜିଲ୍ଲା ମହିଳା କଂଗ୍ରେସ ଓ ନଗର ମହିଳା କଂଗ୍ରେସ ଆନୁକୁଲ୍ୟରେ ନଗର ମହିଳା ସଭାନେତ୍ରୀ କୁମାରୀ ରଶ୍ମିତା ମିଶ୍ରଙ୍କ ସଭାପତତ୍ୱରେ ଏକ ପ୍ରତିବାଦ ସଭା ଅନଷ୍ଠିତ ହୋଇଯାଇଛି ମୋଦି ସରକାର ଙ୍କର ଭୁଲ ଅର୍ଥନୀତି ପାଇଁ ଦରଦାମ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦାମ ରନ୍ଧନ ଗ୍ୟାସ ଡିଜେଲ ଓ ପେଟ୍ରୋଲର ଦରଦାମ ଅତ୍ୟଧିକ ବୃଦ୍ଧି ବିରୁଦ୍ଧରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା ଶେଷ ରେ ପ୍ରଧାନମନ୍ତ୍ରୀ ଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ମୟୂରଭଂଜ ଜିଲ୍ଲା ସଭାପତି ହେମନ୍ତ ଦାସ , ରାଜ୍ୟ ମହିଳା କଂଗ୍ରେସ ସଂପାଦିକା ସୁନନ୍ଦା ସାହୁ, କାଉନସିଲର ପ୍ରାଥି ଓ୍ୱାହିଦା ରହମାନ, ପୂର୍ବତନ ମହିଳା କଂଗ୍ରେସ ସଭାପତି ରଣଜିତା ଯୋଶୀ, ଜିଲ୍ଲା ମହିଳା ସାଧାରଣ ସଂପାଦିକା ମିନତୀ ସାହୁ , ବୁଧୁନି ମହାନ୍ତ, ଅଂଜନି ବରାଳ, ଟାଉନ ସଭାପତି ଶାନ୍ତନୁ ପାଲ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର ,ପିସିସି ସଭ୍ୟ ନୀରଜ୍ ଦାସ , ଅରବିନ୍ଦ ଦାସ, ପୂର୍ବତନ ଯୁବ ସଭାପତି ଅଶୋକ ଅଧିକାରୀ , ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଯୁବନେତା ବିକାଶ ମହାଭୋଇ , ଆରବ ପଣ୍ଡା , ସ୍ୱାଗନ ଦାଶ, ସୁକୁମାର ପ୍ରଧାନ, ଚାଣ୍ଡେ ମହାନ୍ତ, ଚନ୍ଦନ କିଷ୍ଣୁ ପ୍ରମୁଖ ଯୋଗ ଦେଇଥିଲେ ।

ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା 'ସୁନିଆଁ'

ଉଦଳା, ୧୪/୦୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ